## ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

**କଟକ ସଦର, (ଡି.ଏନ୍.ଏ.):** ନାବାଳିକା ଅପହରଣ ଅଭିଯୋଗରେ କିଶନ ନଗର ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ପ୍ରହରାଜପୁର ଗ୍ରାମର ପ୍ରଭାତ ଭୋଇ(୨୨)। ପୋଲିସ ସୂତ୍ରରୁ ପ୍ରକାଶ, ବିବାହର ପ୍ରଲୋଭନ ଦେଖାଇ ଗତ ୯ ତାରିଖରେ ପ୍ରଭାତ ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ଘରୁ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫/୨୧) ରୁଜୁ କରିଥିଲା। ତଦନ୍ତବେଳେ ଉଭୟ ବିରିଡ଼ି ଥାନା ଅଞ୍ଚଳରେ ଥିବା ପୋଲିସ ଜାଣିପାରି ଚଢ଼ାଉ କରିଥିଲା। ସେଠାରୁ ଉଭୟଙ୍କୁ ଉଦ୍ଧାର କରାଯିବା ପରେ ନାବାଳିକାଙ୍କୁ ବିଡାନାସୀସ୍ଥିତ ବସୁନ୍ଧରାକୁ ପଠାଇ ଦିଆଯାଇଛି।



# ‘ଯୁବପିଢ଼ି କୃଷିରେ ମନୋନିବେଶ କରନ୍ତୁ’

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ବିଗତ ୨୦ ବର୍ଷ ମଧ୍ୟରେ ରାଜ୍ୟ କୃଷି କ୍ଷେତ୍ରରେ ପ୍ରଭୂତ ଉନ୍ନତି କରିଛି। ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତିକୁ ଅଗ୍ରାଧିକାର ଦେବା ସହ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ନୂଆ ବିକାଶମୂଳକ ଯୋଜନା କରିଛନ୍ତି। ସମୟୋଚିତ କୃଷି ନୀତି, ସ୍ୱତନ୍ତ୍ର କୃଷି ବଜେଟ, କୃଷି କ୍ୟାବିନେଟ୍ ଆଦି ମାଧ୍ୟମରେ କୃଷିର ଉନ୍ନତି ପାଇଁ ନିରନ୍ତର ପ୍ରୟାସ କରାଯାଉଛି ବୋଲି ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କହିଛନ୍ତି। ବୁଧବାର ‘କୃଷି ଓଡ଼ିଶା-୨୦୨୧’ର ତୃତୀୟ ଦିବସରେ ବିଧାୟକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ରାଜ୍ୟ ସରକାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଯୋଗାଇ ଦେଉଥିବା ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନର ସୁଯୋଗ ନେଇ ଯୁବପିଢ଼ିମାନେ କୃଷି କ୍ଷେତ୍ରରେ ମନୋନିବେଶ କରନ୍ତୁ। ଏହାଦ୍ୱାରା ଓଡ଼ିଶା କୃଷି କ୍ଷେତ୍ରରେ ଉନ୍ନତି କରିବା ସହ କୃଷକଙ୍କର ଆୟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଆର୍‌ବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଏଚ୍. ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟରେ କୃଷି ପ୍ରଗତିର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। କୃଷି କ୍ଷେତ୍ରରେ ଅଧିକରୁ ଅଧିକ ଋଣ ପ୍ରଦାନ ଦିଗରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ଉପସ୍ଥିତିରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ‘ଓଡ଼ିଶା ମିଲେଟ ମିଶନ’ ସମ୍ବନ୍ଧୀୟ ଏକ ବୁଝାମଣାପତ୍ର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ୱାର୍ଲଡ଼ ଫୁଡ୍ ପ୍ରୋଗ୍ରାମ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ଏଥିସହ ପ୍ରାଣୀସମ୍ପଦ ଓ କୃଷି କ୍ଷେତ୍ରରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ଏମ୍. ମୁଥୁକୁମାର ସ୍ୱାଗତ ଭାଷଣ ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।



ମନ୍ତ୍ରୀ ଅରୁଣ ସାହୁ ଜଣେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ‘କୃଷି ଓଡ଼ିଶା’ର ତୃତୀୟ ଦିବସ

## ସମନ୍ୱିତ ଚାଷ ପ୍ରଦର୍ଶନୀ

କୃଷି ଓଡ଼ିଶା ପ୍ରଦର୍ଶନୀରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ତରଫରୁ ଏକ ପ୍ରଦର୍ଶନୀ କକ୍ଷ ରହିଛି। ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କକ୍ଷରେ ମୁଖ୍ୟତଃ ଚାଷୀଙ୍କୁ କ୍ଷେତ ପୋଖରୀ ଖନନ କରି ଜଳସେଚନର ସୁବିଧା କିପରି ହୋଇଥାଏ ତାହା ଦର୍ଶାଯାଇଛି। ମତ୍ସ୍ୟଚାଷ ସହିତ ଆନୁଷଙ୍ଗିକ ଚାଷ ଯଥା ଫୁଲ ଚାଷ, କଦଳୀ ଚାଷ ସହିତ ମିଶ୍ରିତ ଚାଷ, ଡାଲି ଓ ତୈଳବୀଜ ଚାଷ, ପଶୁପାଳନ, ବତକ ଓ କୁକୁଡ଼ା ପାଳନ ଆଦି କାର୍ଯ୍ୟକ୍ରମ ହାତକୁ ନେଇ କୃଷକଙ୍କ ଜୀବିକା ଉପାର୍ଜନକୁ ଦ୍ୱିଗୁଣିତ କରିବା ପାଇଁ ଉପାୟମାନ ପ୍ରଦର୍ଶିତ କରାଯାଇଛି।




## ୮ ବଖରା ଜଳିଗଲା

**ଖୁଣ୍ଟୁଣୀ/ନିଶ୍ଚିନ୍ତକୋଇଲି, ୧୭।୩(ଡି.ଏନ୍.ଏ.), (ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ଅଧୀନ ଓରନ୍ଦା ଗ୍ରାମ ଶବର ସାହିରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ପାଲ ଦେହୁରୀ, ନବୀନ ବେହେରା, ଅର୍ପନା ଦେହୁରୀ, ରାମଚନ୍ଦ୍ର ଦେହୁରୀ ଓ ପ୍ରଭାକର ଦେହୁରୀଙ୍କ ୫ ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ହୋଇଯାଇଛି। ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତହସିଲଦାରଙ୍କ ପକ୍ଷରୁ ବିପନ୍ନଙ୍କୁ ୫ଟି ପଲିଥିନ ଓ ସରକାରୀ ସହାୟତା ଦିଆଯାଇଛି। ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସେଠାରେ ପହଞ୍ଚି ବିପନ୍ନଙ୍କୁ ଆର୍ଥିକ ରାଶି ଦିଆଯିବ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟ କେଶବ ଦଳେଇ ବିପନ୍ନଙ୍କ ପାଇଁ ଚାଉଳ ବ୍ୟବସ୍ଥା କରିଥିଲେ। ସେହିପରି ଅଗ୍ନିକାଣ୍ଡ ଘଟି ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତ ୨ ନଂ. ୱାର୍ଡର ଗୁରୁଚରଣ ମଲ୍ଲିକଙ୍କ ୩ ବଖରା ଜଳିଯାଇଛି। ଏଥିରେ ଘରର ଆସବାବପତ୍ର ପୋଡ଼ି ଯାଇଛି। ନିଶ୍ଚିନ୍ତକୋଇଲି ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ତହସିଲ ପକ୍ଷରୁ ବିପନ୍ନ ପରିବାରଙ୍କୁ ପଲିଥିନ ଦିଆଯାଇଛି। ବ୍ଲକ ବିଜେଡି ଉପସଭାପତି ଅଶୋକ ଓଝା, ସରପଞ୍ଚ କୈଳାସ ସାମନ୍ତରାୟ ବିପନ୍ନଙ୍କୁ ସହାୟତା ଦେଇଛନ୍ତି।

### ସଂକ୍ଷେପରେ

## ବାଲିଘାଟ ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି

**ବାଙ୍କୀ,୧୭।୩(ସ୍ୱ.ପ୍ର./ ବି.ପ୍ର.) :** ମହାନଦୀର ପଟୁଗଦାଧରପୁର ବାଲିଘାଟ ନିଲାମ ପରେ ବୁଧବାର ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି ଅତିରିକ୍ତ ଜିଲାପାଳ(ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ବାଙ୍କୀ ତହସିଲ ଅନୁଆରୀ ପଞ୍ଚାୟତ ମାଇଜୋରି ବାତ୍ୟା ଆଶ୍ରୟସ୍ଥଳରେ ହୋଇଥିଲା। ପଟୁଗଦାଧରପୁର ସଇରାତର ୫.୦୫୯ ହେକ୍ଟରକୁ ନିଲାମଧାରୀ ପତିତପାବନ ସ୍ୱାଇଁଙ୍କୁ ଜଙ୍ଗଲ ପରିବେଶ ବିଭାଗ ମଞ୍ଜୁରୀ ପାଇଁ ଶୁଣାଣି କରାଯାଇଥିଲା। ଜନଶୁଣାଣିରେ ଆଞ୍ଚଳିକ ପ୍ରଦୂଷଣ ଅଧୀକ୍ଷକ ସୋହନ ଗିରି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଥିଲେ। ଏଥିରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, ବାଙ୍କୀ ତହସିଲଦାର ସତ୍ୟନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଶୁଣାଣି ସମୟରେ ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ପାତ୍ରଙ୍କ ସମେତ ପଞ୍ଚାୟତର ବହୁ ବୁଦ୍ଧିଜୀବୀ, ଜନସାଧାରଣ ଓ ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ରହିଥିଲେ। କିପରି ବାଲିଘାଟ ନିଲାମ ଦ୍ୱାରା ଅଞ୍ଚଳର ଉନ୍ନତି ହେବ ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ଯଦି କାହାର କିଛି ଅଭିଯୋଗ ଅଛି ତାହା କହିବାକୁ କୁହାଯାଇଥିଲା। ସ୍ୱାଇଁ ଅନୁଆରୀ ପଞ୍ଚାୟତରେ ବୃକ୍ଷରୋପଣ, ବିଦ୍ୟାଳୟର ଉନ୍ନତି, ପାନୀୟ ଜଳ ଉନ୍ନତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବାଲିଘାଟରୁ ଦିନବେଳା ବାଲି ଉତ୍ତୋଳନ କରାଯିବ । ଏହାଦ୍ୱାରା କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ବର୍ଗର ୪୮ଜଣ ଲୋକ ନିଯୁକ୍ତି ସୁଯୋଗ ପାଇବେ ବୋଲି ସ୍ୱାଇଁ ପ୍ରକାଶ କରିଥିଲେ। ଜନଶୁଣାଣି ପରେ ଲୋକମାନଙ୍କ କଥାକୁ ବିଚାର କରି ଉକ୍ତ ବାଲିଘାଟକୁ ପରିବେଶ ମଞ୍ଜୁରୀ ମିଳିଲା ବୋଲି ଗିରି ପ୍ରକାଶ କରିଥିଲେ।

## ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଖୁଣ୍ଟୁଣୀ, ୧୭।୩(ଡି.ଏନ.ଏ.):** ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ମୁଖ୍ୟବକ୍ତା ଭାବେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟ୍ରକ ମାଲିକ ସଂଘ ସଭାଗୃହରେ ଆୟୋଜିତ ସଭାରେ ସଂଘ ସଭାପତି ମନୋଜ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଟ୍ରକ ମାଲିକ ମହାସଂଘ ସଭାପତି ବିଭୂତି ପ୍ରସାଦ ଦାସ, ସମ୍ପାଦକ ରବିନାରାୟଣ ଶତପଥୀ, ମୁଖ୍ୟ ଉପଦେଷ୍ଟା ଶରତ ଚନ୍ଦ୍ର ପ୍ରଧାନ, ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ସମ୍ପାଦକ ଅଶୋକ ସାମନ୍ତରାୟ, ଉପସଭାପତି ଦିବାକର ବେଉରା, ମନମୋହନ କର, ସୁନୀଲ ପ୍ରଧାନ, ପ୍ରଦ୍ୟୁମ୍ନ ନାୟକ, ବିପ୍ରବର ପଣ୍ଡା ଓ ପୂର୍ବାଞ୍ଚଳ ସମ୍ପାଦକ ପ୍ରଶାନ୍ତ ପ୍ରଧାନ ଯୋଗଦେଇଥିଲେ। ସମ୍ପାଦକ ଶତପଥୀ ଟ୍ରକ ମାଲିକମାନଙ୍କୁ ରୋଡ୍‌ଟ୍ୟାକ୍ସରେ ରିହାତି, ତୈଳ ଓ ଯନ୍ତ୍ରାଂଶ ଦର ବୃଦ୍ଧି ହେତୁ ଭଡା ବଢ଼ାଇବାକୁ ପରିବହନ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। କୈଳାସ ଚନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ବିଜୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା କୃଷକସଭାର ଗଣବିକ୍ଷୋଭ

**ଟାଙ୍ଗୀ, (କଟକ)୧୭।୩(ଡି.ଏନ.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାନ ବିକ୍ରିରେ ଅନିୟମିତତା ଅଭିଯୋଗରେ ଓଡ଼ିଶା କୃଷକସଭା ଟାଙ୍ଗୀ-ଚୌଦ୍ୱାର କମିଟି ପକ୍ଷରୁ ଗଣବିକ୍ଷୋଭ କରାଯାଇଥିଲା। ପଞ୍ଜୀକରଣ କରିଥିବା ଚାଷୀମାନଙ୍କଠାରୁ ଧାନ କିଣିବାକୁ ଟାର୍ଗେଟ ନିଆଯାଉ। ସରକାରୀ ନିଷ୍ପତ୍ତି ଅନୁଯାୟୀ, ଜଳସେଚିତ ଜମି ମାଲିକଙ୍କଠାରୁ ଏକର ପ୍ରତି ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଜମି ମାଲିକଙ୍କଠାରୁ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ନେବାର ପ୍ରାବଧାନକୁ ମାନିବା, ମିଲରମାନଙ୍କ ଦ୍ୱାରା କୁଇଣ୍ଟାଲ ପ୍ରତି ୩ ରୁ ୬ କେଜି ପର୍ଯ୍ୟନ୍ତ କାଟେଣି ବନ୍ଦ କରାଯାଉ। ଧାନ ବିକ୍ରି ପରେ ଟ୍ରକରେ ଲଦିବା ପାଇଁ ନିୟୋଜିତ ଶ୍ରମିକମାନଙ୍କ ପାଉଣା ସରକାର ବହନ କରୁଛନ୍ତି। ହେଲେ ଚାଷୀମାନଙ୍କଠାରୁ ଏବାବଦ ଅର୍ଥ ଆଦାୟକୁ କରିବା ବନ୍ଦ କରି ଏହାର ତଦନ୍ତ କରିବାକୁ ବିକ୍ଷୋଭକାରୀମାନେ କହିଥିଲେ। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ଦିଆଯାଇଥିଲା। ଡମ୍ବରୁଧର ସାହୁ, ରମେଶ ଚନ୍ଦ୍ର ବେହେରା, ମଳୟ ପୃଷ୍ଟି, ରମେଶ ସାହୁ ଓ ହୃଦାନନ୍ଦ ବାରିକ ବିକ୍ଷୋଭ ପରିଚାଳନା କରିଥିଲେ।

# ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି

**କଟକ ଅଫିସ, ୧୭।୩**

### ୨୧ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓଡ଼ିଶା ଗସ୍ତରେ ଆସିବେ। ସେ ଭୁବନେଶ୍ୱର, ରାଉରକେଲା ଓ ପୁରୀ ଅଞ୍ଚଳ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତେବେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଡିଜିପି ଅଭୟ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଭିଡିଓ କନଫରେନ୍ସ ଜରିଆରେ ସମୀକ୍ଷା କରିଥିଲେ। ଏଥିସହ ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନବନ୍ଦର ଏବଂ ଭୁବନେଶ୍ୱରସ୍ଥିତ ରାଜଭବନର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ମଧ୍ୟ ସମୀକ୍ଷା କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସମୟରେ କୋଭିଡ୍ ଗାଇଡ୍‌ଲାଇନକୁ ଠିକ୍ ଭାବେ ଅନୁପାଳନ କରାଯିବ। ତାଙ୍କ ଗସ୍ତ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସେଠାକାର ଡିସିପି ଓ ଏସ୍‌ପିଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଏବଂ ଶୃଙ୍ଖଳା), ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ, କଟକ-ଭୁବନେଶ୍ୱର ପୋଲିସ କମିଶନର, ଇଣ୍ଟେଲିଜେନ୍ସ ବ୍ୟୁରୋ ଯୁଗ୍ମ ନିର୍ଦ୍ଦେଶକ, ପଶ୍ଚିମାଞ୍ଚଳ ରେଞ୍ଜ ଆଇଜି, ରାଉରକେଲା, ଡିଆଇଜିପି କେନ୍ଦ୍ରୀୟ ରେଞ୍ଜ, ଏସ୍‌ପି ରାଉରକେଲା, ପୁରୀ, ଝାରସୁଗୁଡ଼ା ଏବଂ ଡିସିପି ଭୁବନେଶ୍ୱର, ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ସିଆଇଏସ୍‌ଏଫ୍‌ର ଅଧିକାରୀ ସାମିଲ ହୋଇଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ସାହିତ୍ୟିକ ରାଜେନ୍ଦ୍ର କୁମାର ପ୍ରଧାନଙ୍କ ରଚିତ ପୁସ୍ତକ ‘ନଳ ଉପଯମ’କୁ ବୁଧବାର ଅତିଥିମାନେ ଉନ୍ମୋଚନ କରିଛନ୍ତି।

## ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତ ଗିରଫ

### ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ

**କଟକ ସଦର, ୧୭।୩(ଡି.ଏନ୍.ଏ.)**

କନ୍ଦରପୁର ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ନିମେଇସାପୁର ଗ୍ରାମର ଅରକ୍ଷିତ ମହାରଣା। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ନାବାଳିକାଙ୍କ ପରିବାର ଲୋକେ ଶୌଚ ପାଇଁ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅରକ୍ଷିତ ତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ହଠାତ୍ ପରିବାର ଲୋକେ ଆସିବା ପରେ ଅରକ୍ଷିତ ଦୌଡି ପଳାଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୪/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଅଭିଯୁକ୍ତ ଓ ନାବାଳିକାଙ୍କ ଡାକ୍ତରୀମାଇନା କଟକ ବଡ ଡାକ୍ତରଖାନାରେ କରାଯାଇଥିଲା। ବୁଧବାର କଟକସ୍ଥିତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ୧୬୪ ଧାରାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାପରେ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

# ହରିହର ପଣ୍ଡା ଦେଲେ ୨୫ଲକ୍ଷ ଟଙ୍କା

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

### ‘ମୋ ସ୍କୁଲ’ ଅଭିଯାନ

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଆହ୍ୱାନକୁ ବଡ଼ ସଫଳତା ମିଳିଛି। ‘ମୋ ସ୍କୁଲ ଅଭିଯାନ’ରେ ଲକ୍ଷ ଲକ୍ଷ ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇ ସହାୟତାର ହାତ ବଢ଼ାଉଛନ୍ତି। ଏହିକ୍ରମରେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ହରିହର ପଣ୍ଡା ବୁଧବାର ମୋ ସ୍କୁଲ୍ ଅଭିଯାନକୁ ୨୫ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। କଟକସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲ୍‌ର ଭିତ୍ତିଭୂମି ବିକାଶ ଓ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଉତ୍ତମ ଶିକ୍ଷା ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେ ଏହି ଅର୍ଥରାଶି ଦେଇଛନ୍ତି। ଏହି ଅର୍ଥରେ ବିଦ୍ୟାଳୟ କ୍ୟାମ୍ପସରେ ଏକ ସ୍ୱତନ୍ତ୍ର ବ୍ଲକ ନିର୍ମାଣ କରାଯିବ ଓ ଏହା ସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ନାରାୟଣ ପତିଙ୍କ ନାମରେ ନାମିତ ହେବ। ସ୍କୁଲର ଅତ୍ୟାଧୁନିକ ସ୍ମାର୍ଟ କ୍ଲାସ୍‌ରୁମ୍, ଲାଇବ୍ରେରୀ ସମେତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେବ।

ତୋଷାଳି ଭବନସ୍ଥିତ ମୋ ସ୍କୁଲ୍ ଅଭିଯାନ ରାଜ୍ୟ କାର୍ଯ୍ୟାଳୟ ପରିସରରେ ସେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ‘ମୋ ସ୍କୁଲ୍’ର ସଦସ୍ୟ ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ଉକ୍ତ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ମୋ ସ୍କୁଲ୍ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା, ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ତଥା ଓଏସ୍‌ଡି ପ୍ରତିଭା ଦୋରା, ପ୍ରକଳ୍ପ ଅଧିକାରୀ ହିମାଂଶୁ ଭୂଷଣ ଓଝା ପ୍ରମୁଖ ଉପସ୍ଥିତ ଥିଲେ।



‘ମୋ ସ୍କୁଲ୍’ର ସଦସ୍ୟ ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ହରିହର ପଣ୍ଡା ୨୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

## ଆଜିଠୁ ଲିଙ୍ଗରାଜଙ୍କ ସେବାୟତ ଟିକା ନେବେ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ଲିଙ୍ଗରାଜ ମନ୍ଦିର ସେବାୟତମାନେ ଗୁରୁବାରଠାରୁ କରୋନା ଟିକା ନେବେ। ବିଏମ୍‌ସି ହସ୍ପିଟାଲରେ ଟିକାକରଣ ଚାଲିବେ। ପ୍ରାୟ ୩ଶହ ସେବାୟତ ଟିକା ନେବାକୁ ଥିବାବେଳେ ପ୍ରତିଦିନ ୫୦ଜଣ ନେବେ। ଏଥିପାଇଁ ସମସ୍ତ ବ୍ୟବସ୍ଥା ହୋଇଥିବା ବୁଧବାର ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ଟିକାକରଣ ଆରମ୍ଭ ହେବ। ୧୬ ତାରିଖ ସୁଦ୍ଧା ଭୁବନେଶ୍ୱରରେ ୧,୦୭,୬୭୮ଜଣ ଟିକା ନେଇଥିବାବେଳେ ୪୪,୨୪୪ଜଣ ସ୍ୱାସ୍ଥ୍ୟକର୍ମୀ, ୨୩,୩୫୫ଜଣ ସମ୍ମୁଖ ଯୋଦ୍ଧା ଏବଂ ୪୦,୦୭୯ଜଣ ବୟସ୍କ ଓ ବହୁବିଧ ରୋଗୀ ରହିଛନ୍ତି।

# ପୁରୀଘାଟ ଥାନାରେ ଏତଲା ଦେଲେ ବର୍ଷା

**କଟକ ଅଫିସ, ୧୭।୩**

### ବର୍ଷା-ଅନୁଭବ ବିବାଦ ମାମଲା

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ପାରିବାରିକ ବିବାଦ ମାମଲାକୁ ନେଇ ବୁଧବାର ପୁଣିଥରେ ବର୍ଷା ପୁରୀଘାଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି, ତାଙ୍କ ବେଡ୍‌ରୁମ୍ ଓ ଡ୍ରଇଂରୁମ୍‌ରୁ ପ୍ରାୟ ୫ ମାସ ହେବ ଟିଭି, ଡିଭିଡି ପ୍ଲେୟାର କାଢି ନିଆଯାଇଛି। ଏପରିକି ତାଙ୍କ ରୁମ୍‌ରେ ଥିବା ଇନ୍‌ଭର୍ଟରର ଲାଇନ୍ କାଟି ଦିଆଯାଇଛି। ତାଙ୍କ ରୁମ୍‌ର ଏସି ଖରାପ ହୋଇଯାଇଛି। ଶାଶୁଘର ଲୋକେ ଉଦ୍ଦେଶ୍ୟମୂଳକ ଭାବେ ରୋଷେଇ ଘରେ ତାଲା ପକାଇଥିବାରୁ ପାଣି ପିଇବାରେ ଅସୁବିଧା ହେଉଛି। ଫଳରେ ବର୍ଷାଙ୍କୁ ତାଙ୍କ ବାପଘର ଲୋକେ ଖାଦ୍ୟ ଓ ପାଣି ଯୋଗାଇ ଦେଉଛନ୍ତି। ଏବେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ବିନା ଏସିରେ ରହିବାକୁ ଅସୁବିଧା ହେଉଛି। ତେଣୁ ପୋଲିସ ଉପସ୍ଥିତିରେ ଘରେ ଟିଭି, ଡିଭିଡି ପ୍ଲେୟାର, ଆକ୍ୱାଗାର୍ଡ ଲଗାଇବା ସହ ଏସି ମରାମତି କରିବାକୁ ଚାହୁଁଛନ୍ତି। ଯଦି ପୋଲିସ ଅନୁପସ୍ଥିତିରେ ଏହା କରେ ତା’ହେଲେ ଶାଶୁଘର ଲୋକେ ଦୋଷାରୋପ କରିବେ ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ପୁରୀଘାଟ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁ କହିଛନ୍ତି, ବର୍ଷାଙ୍କ ଅଭିଯୋଗପତ୍ର ପାଇଛୁ। ଏ ଦିଗରେ ଆମେ ଯଥାଶୀଘ୍ର ପଦକ୍ଷେପ ନେବୁ। ଅପରପକ୍ଷେ ଏ ନେଇ ଅନୁଭବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନାଯୋଗ୍ୟ, କିଛି ମାସ ଧରି ବର୍ଷା ଓ ଅନୁଭବଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗିରହିଛି। ଏ ନେଇ କୋର୍ଟରେ ମାମଲାର ବିଚାର ଚାଲିଥିବାବେଳେ ଛାଡପତ୍ର ପର୍ଯ୍ୟନ୍ତ କଥା ପହଞ୍ଚିଛି। ବର୍ଷା ମଧ୍ୟ ନିଜ ଭରଣପୋଷଣ ପାଇଁ କଟକ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଛନ୍ତି।

### ନିମସାହି ବସ୍ତି ଉଚ୍ଛେଦ

# ଭଙ୍ଗାଗଲା ମନ୍ଦିର, ୮୫ ଘର

**କଟକ ଅଫିସ, ୧୭।୩**

- ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ
- ୮ଦିନ ପାଇଁ ଖାଦ୍ୟ, ଔଷଧ ଦିଆଯିବ
- ଆସବାବପତ୍ର ସ୍ଥାନାନ୍ତର ପାଇଁ ଗାଡ଼ି ବ୍ୟବସ୍ଥା

ତାଳଦଣ୍ଡା କେନାଲ ସମ୍ପ୍ରସାରଣ ପ୍ରକ୍ରିୟା ବୁଧବାର ପୁଣି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମାତୃଭବନ ସମ୍ମୁଖ ତାଳଦଣ୍ଡା କେନାଲ ପାର୍ଶ୍ୱରେ ଥିବା ନିମସାହି ବସ୍ତି ଉଚ୍ଛେଦ କାର୍ଯ୍ୟ ସକାଳ ୭ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ଶେଷ ହୋଇଥିଲା। ୩ଟି ଜେସିବି ସାହାଯ୍ୟରେ ବସ୍ତିରେ ଥିବା ଗୋଟିଏ ମନ୍ଦିର ଓ ୮୫ଟି ଘର ଭଙ୍ଗାଯାଇଛି। ପ୍ରତ୍ୟେକ ବସ୍ତିବାସିନ୍ଦାଙ୍କୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ୫୦ହଜାର ଟଙ୍କାର ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କାରାଯାଇଛି। ଏହି ଉଚ୍ଛେଦ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବାବେଳେ ବସ୍ତିବାସିନ୍ଦାଙ୍କୁ ଓଏମ୍‌ପି ୬ଷ୍ଠ ବାଟାଲିୟାନ ପରିସରସ୍ଥ ଅସ୍ଥାୟୀ କ୍ୟାମ୍ପରେ ରଖାଯାଇଛି। ସେମାନଙ୍କ ପାଇଁ ସିଏମ୍‌ସି ପକ୍ଷରୁ ୮ ଦିନ ଲାଗି ଖାଦ୍ୟ ଓ ଆବଶ୍ୟକ ଔଷଧ ବ୍ୟବସ୍ଥା କରାଯାଇଛି। ଏହି ସମୟ ମଧ୍ୟରେ ସେମାନେ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଥିବା ସ୍ଥାନରେ ନିଜର ଘର ନିର୍ମାଣ କରିବେ। ଏହି ଉଚ୍ଛେଦ ସମୟରେ ଡେପୁଟି କମିଶନର ଅଭିନାଶ ରାଉତ, ଜୋନ-୧ ଏସିପି ଅମରେନ୍ଦ୍ର ପଣ୍ଡା, ଚାଉଳିଆଗଞ୍ଜ ଥାନା ଆଇଆଇସି ତାପସ ପ୍ରଧାନ, ସିଏମ୍‌ସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ତେବେ ବସ୍ତିବାସିନ୍ଦାଙ୍କୁ ମଙ୍ଗଳବାରଠାରୁ ଥଇଥାନ କରାଯାଇଥିଲେ ମଧ୍ୟ ସେମାନଙ୍କ ପାଇଁ ପାଣି ଓ ଶୌଚାଳୟର ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଥାଉ କି, ଏହି ଉଚ୍ଛେଦର ୪ଦିନ ପୂର୍ବରୁ ସରକାରୀ ନିୟମ ଅନୁଯାୟୀ ଓଏମ୍‌ପି ୬ଷ୍ଠ ବାଟାଲିୟାନ ପରିସରରେ ୧୫ଫୁଟରେ ୧୫ଫୁଟ ଜାଗା ବସ୍ତିବାସିନ୍ଦାଙ୍କୁ ଦିଆଯାଇଛି। ବସ୍ତିବାସିନ୍ଦାଙ୍କ ଆସବାସପତ୍ର ସ୍ଥାନାନ୍ତର ନିମନ୍ତେ ସିଏମ୍‌ସି ପକ୍ଷରୁ ୮ଟି ନିଃଶୁଳ୍କ ଗାଡ଼ି ବ୍ୟବସ୍ଥା କରାଯାଇଥିଲା। ଏଥିସହ ସେମାନଙ୍କ ରହିବା ପାଇଁ ଅସ୍ଥାୟୀ ଶିବିର ପ୍ରସ୍ତୁତ କରାଯାଇଛି। ଗତ ୧୨ତାରିଖରେ ବସ୍ତିଉଚ୍ଛେଦ ପରେ ସମସ୍ତ ବାସିନ୍ଦାଙ୍କୁ ସରକାରୀ ଯୋଜନା ଅନୁଯାୟୀ ସିଏମ୍‌ସି ପକ୍ଷରୁ ୫୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯାଇଛି। ଏହି ଅର୍ଥରେ ବାସିନ୍ଦାମାନେ ଯୋଗାଇ ଦିଆଯାଇଥିବା ଜମିରେ ନୂତନ ଗୃହ ନିର୍ମାଣ କରିପାରିବେ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି।



ଜେସିବି ସହାୟତାରେ ଘରଗୁଡିକୁ ଭଙ୍ଗାଯାଉଛି।

## ନକଲି ଅମିନ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ):** ନିଜକୁ ବିଡିଏର ଅମିନ ପରିଚୟ ଦେବା ସହ ନକଲି ଆଇକାର୍ଡ ଜରିଆରେ ଠକେଇ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଧଳପୁର ଗ୍ରାମର ରାଜେଶ କୁମାର ସେଠୀ(୨୮)। ରାଜେଶଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଝାରପଡା ଜେଲ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱରର ଜଣେ ମହିଳାଙ୍କଠାରୁ ୬ ଲକ୍ଷ ଟଙ୍କା ଓ କେନ୍ଦ୍ରାପଡା ପାଟକୁରା ଥାନା ଡାହାଲପୁରର ଶୁଭ୍ରାଂଶୁ ଶେଖର ସେଠୀଙ୍କଠାରୁ ଅଢେଇ ଲକ୍ଷ ଟଙ୍କା ଠକି ନେଇ ଥାନାରେ ଅଭିଯୋଗ ହୋଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୧୩ତମ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- କୃଷି ଓଡ଼ିଶା, ବିଜୁ ପଟ୍ଟନାୟକ ଖେଳପଡ଼ିଆ , ବରମୁଣ୍ଡା, ଅପରାହ୍ନ ୩ଟା ୩୦।
- ୨୭ତମ ଗୁରୁପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ପଞ୍ଚମବେଦ ପକ୍ଷରୁ ନାଟକ 'ସୋମରସ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**କଟକ**

- ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲର ଅଭିଭାବକମାନଙ୍କ ପକ୍ଷରୁ ଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ ପୂର୍ବାହ୍ନ ୧୦ଟା।

# ଚଳିତବର୍ଷ ହେବ ଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା

**ପୁରୁଣା ଭୁବନେଶ୍ୱର,୧୭।୩(ଡି.ଏନ୍.ଏ.)**

ଚଳିତବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବୁଧବାର ସବୁଜ ସଙ୍କେତ ମିଳିଛି। ଦୀର୍ଘ ୫ବର୍ଷର ବ୍ୟବଧାନ ପରେ ଠାକୁର ଶ୍ରୀଲିଙ୍ଗରାଜ ଏବଂ ପ୍ରଭୁ ଶ୍ରୀ କପିଳେଶ୍ୱରଙ୍କ ମଧ୍ୟରେ ସମନ୍ୱୟ ଆଣି ଆସନ୍ତା ଶନିବାର ୨୦ତାରିଖରେ ହାଣ୍ଡିଭଙ୍ଗା ଯାତ୍ରା ହେବ। ଏହି ଯାତ୍ରା ଚଳିତବର୍ଷ କୋଭିଡ୍ କଟକଣା ଭିତରେ ହେବାକୁ ନେଇ ପ୍ରଶାସନ ଅନୁମତି ଦେଇଛି। ଏ ନେଇ ବୁଧବାର ସର୍କିଟ ହାଉସରେ ଖୋର୍ଦ୍ଧା ଜିଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଛି। ସୂଚନା ଥାଉ କି, ୨୦୧୫ରେ କପିଳେଶ୍ୱର ମନ୍ଦିର ସେବାୟତ ଖୁଣ୍ଟିଆ ଓ ମଲିଆଙ୍କ ମଧ୍ୟରେ ବିବାଦ ନେଇ ଶିବରାତ୍ରି ଯିବାର ୨ୟ ଶନିବାର ଠାକୁର ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଉପରେ ୯୦୦ ବର୍ଷର ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହାପରେ ଜଣେ ଭକ୍ତ ଯାତ୍ରା କରିବା ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା କରିଥିଲେ। ପରେ ହାଇକୋର୍ଟ ମଧ୍ୟ ସେବାୟତମାନଙ୍କ ସମନ୍ୱୟ ମଧ୍ୟରେ ଯାତ୍ରା କରିବା ନେଇ ରାୟ ଦେଇଥିଲେ। ହେଲେ ସେବାୟତ ଗୋଷ୍ଠୀ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏହି ଯାତ୍ରା ହୋଇପାରୁ ନ ଥିଲା। ହେଲେ ଚଳିତବର୍ଷ ପ୍ରଶାସନ ହାଇକୋର୍ଟଙ୍କ ରାୟ ଅନୁଯାୟୀ ବଳପୂର୍ବକ ଯାତ୍ରା କରିବାକୁ ନିଷ୍ପତ୍ତି ନେବା ପରେ ଖୁଣ୍ଟିଆ ଓ ମଲିଆ ସେବାୟତ ମଧ୍ୟ ସମ୍ମତି ଜଣାଇଥିଲେ। ଏହି ବୈଠକରେ ବିଏମ୍‌ସି କମିଶନର ପ୍ରେମଚାନ୍ଦ ଚୌଧାରୀ, ସେବାୟତ ସଂଘର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବହୁ ସେବାୟତ ଉପସ୍ଥିତ ଥିଲେ।

# ଖନନବେଳେ ମିଳିଲା ଜଗତି

**ପୁରୁଣା ଭୁବନେଶ୍ୱର,୧୭।୩(ଡି.ଏନ୍.ଏ.)**

ଏକାମ୍ର କ୍ଷେତ୍ରରେ ମେଗା ପ୍ରକଳ୍ପ ଖନନ କାର୍ଯ୍ୟର ପଞ୍ଚମ ପର୍ଯ୍ୟାୟ ଜାରି ରହିଛି। ଏହି ଅବସରରେ ବୁଧବାର ପବିତ୍ର ବିନ୍ଦୁସାଗର କୂଳ ଦକ୍ଷିଣ ପାର୍ଶ୍ୱକୁ ଥିବା ଶୁଆଶାରୀ ମନ୍ଦିର ପରିସର ଏଏସ୍‌ଆଇ କର୍ମଚାରୀଙ୍କ ଦ୍ୱାରା ଖନନ କାର୍ଯ୍ୟ ଚାଲୁରହିଛି। ଏହି ସମୟରେ ମୁଖ୍ୟ ମନ୍ଦିର ମୁଖଶାଳା ସମ୍ମୁଖରୁ ମନ୍ଦିରର ପଥରରେ ନିର୍ମିତ କାରୁକାର୍ଯ୍ୟର ଏକ ଜଗତି ତଥା ପିଷ୍ଟ ମିଳିଥିବା ଏଏସ୍‌ଆଇର ଜଣେ ଅଧିକାରୀ କହିଛନ୍ତି। ସୂଚନାଥାଉ କି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଶୁଆଶାରୀ ମନ୍ଦିରର ଖନନ କାର୍ଯ୍ୟ ସମୟରେ ପଥରରେ ନିର୍ମିତ ଅନେକ କାରୁକାର୍ଯ୍ୟ ନଷ୍ଟ ହୋଇଯାଇଥିଲା। ଏହାକୁ ଦେଖି ଏଏସ୍‌ଆଇଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଖନନ କାର୍ଯ୍ୟକୁ ନିନ୍ଦା କରିବା ସହ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ବଡ଼ ଯତ୍ନର ସହ ଏହାକୁ ଖନନ କରାଯିବାକୁ କୁହାଯାଇଥିଲା। ତେବେ ଯତ୍ନର ସହ ବୁଧବାର ଶୁଆଶାରୀ ମନ୍ଦିର ପରିସର ଖନନ କାର୍ଯ୍ୟ ଚାଲିଥିବାବେଳେ ନାରୀ ଯୁଗଳ ମୂର୍ତ୍ତି, ହସ୍ତୀ ଭଳି ଏକ ପିଷ୍ଟ ମାଟି ତଳୁ ଉଦ୍ଧାର ହୋଇଛି।

# ଟ୍ରାନ୍ସଫର୍ମରରେ ଭୟଙ୍କର ବିସ୍ଫୋରଣ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

### ପୋଡ଼ିଯାଇ ଜଳଖିଆ ଦୋକାନୀଙ୍କ ସମେତ ୪ ଗୁରୁତର



ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଓମ୍‌ଫେଡ୍ ଛକ ନିକଟ ରେଳ ସଦନ ପାଚେରିକୁ ଲାଗି ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଭୟଙ୍କର ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଟ୍ରାନ୍ସଫର୍ମରର ବିଭିନ୍ନ ଅଂଶ ବହୁ ଦୂରକୁ ଛିଟିକି ପଡ଼ିବା ସହ ନିଆଁ ବ୍ୟାପିଯାଇଥିଲା। ଏଥିଯୋଗୁ ଏକ ଜଳଖିଆ ଦୋକାନ ଛିନ୍‌ଛତର ହୋଇଯାଇଥିବାବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଜଳଖିଆ ଦୋକାନ ମାଲିକ ବିଜୟ ବେହେରା, ପୁଅ ଆଶୁତୋଷ, କର୍ମଚାରୀ ଗୌତମ ନାୟକ ଓ ସନ୍ତୋଷ ନାୟକ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଏଥିସହ ଚନ୍ଦ୍ରଶେଖରପୁର ଥାନା ପୋଲିସ ଆହତଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଘଟଣାକୁ ନେଇ ସେଠାରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଟ୍ରାନ୍ସଫର୍ମରଟି ବହୁ ପୁରୁଣା ଓ ଦୁର୍ବଳ ଅବସ୍ଥାରେ ରହିଥିଲା। ଏହା ଉପରେ ଅଧିକ ଲୋଡ୍ ପଡୁଥିଲେ ମଧ୍ୟ ଆବଶ୍ୟକ ମରାମତି କରାଯାଇ ନ ଥିଲା। ଫଳରେ ତାହା ଫାଟି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ଏପରି ଦୁର୍ଘଟଣା ଘଟିଲା ତାହା ଜାଣିବାକୁ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ରାତି ସୁଦ୍ଧା ଥାନରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ବିଜୟ ସବୁଦିନ ଭଳି ବୁଧବାର ମଧ୍ୟ ସକାଳ ପ୍ରାୟ ୫ଟାରେ ଦୋକାନ ଖୋଲିଥିଲେ। ସେଠାରେ ତାଙ୍କ ପୁଅଙ୍କ ସହ ଅନ୍ୟ ୩ଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ। ହଠାତ୍ ଏକ ଶବ୍ଦ ଶୁଣି ସେମାନଙ୍କ ସହ ଆଖପାଖରେ ଥିବା ଲୋକେ ଛାନିଆ ହୋଇଯାଇଥିଲେ। ଦେଖୁଦେଖୁ ନିକଟ ଟ୍ରାନ୍ସଫର୍ମରଟି ଜଳିଉଠିବା ସହ ପ୍ରଚଣ୍ଡ ଶବ୍ଦ କରି ଜୋର୍‌ରେ ଫାଟିଥିଲା। ଟ୍ରାନ୍ସଫର୍ମର ବିଭିନ୍ନ ଅଂଶ ଜଳନ୍ତା ଅବସ୍ଥାରେ ଚାରିଆଡକୁ ଛିଟିକି ପଡିଥିଲା। କେହି କିଛି ବୁଝିବା ପୂର୍ବରୁ ଦୋକାନ ସହ ୪ଜଣ ଜଳିଯାଇଥିଲେ। ଦୋକନରେ ନିଆଁ ଲାଗିଯିବାରୁ ଆସବାପତ୍ର ପୋଡି ଯାଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ଓ ଥାନାକୁ ଖବର ଦେଇଥିଲେ।

# ପୋଲିସ ଗାଡ଼ିକୁ ଅଟକାଇଲା ଫାଇନାନ୍ସ କମ୍ପାନୀ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

୧୧ ମାସର ଗାଡି କିସ୍ତି ବାକି ରଖି ହଟହଟା ହୋଇଛି ପୋଲିସ। ବୁଧବାର ଚଢ଼ାଉ ପାଇଁ ଭୁବନେଶ୍ୱର ଆସିଥିବାବେଳେ ବାଲେଶ୍ୱର ସହଦେବଖୁଣ୍ଟା ଥାନାର ପୋଲିସ ଭ୍ୟାନ୍‌କୁ ଫାଇନାନ୍ସ କମ୍ପାନୀ କର୍ମଚାରୀ ଖଣ୍ଡଗିରି ଥାନାଞ୍ଚଳରେ ଅଟକାଇଛନ୍ତି। ପରେ କଥା ଖଣ୍ଡଗିରି ଥାନା ପର୍ଯ୍ୟନ୍ତ ଯାଇଥିଲା। ଫାଇନାନ୍ସ କମ୍ପାନୀ ଗାଡିଟିକୁ ନେଇଯିବା ପରେ ସହଦେବଖୁଣ୍ଟା ପୋଲିସ ଅଧିକାରୀ ଚାଲିଚାଲି ଥାନାକୁ ଆସିଥିଲେ। ଅନେକ ଯୁକ୍ତିତର୍କ ପରେ ଶେଷରେ ବୁଝାମଣାରେ ସହଦେବ ଖୁଣ୍ଟା ଥାନା ପୋଲିସ ଉକ୍ତ ଗାଡିନେଇ ଫେରିଥିଲା।

# ବିପିନ ମହାନ୍ତି ପାଇଲେ ନୀହାରକନ୍ୟା ଗୀତିକବିତା ସମ୍ମାନ

**ବାଲିପାଟଣା,୧୭।୩(ଡି.ଏନ୍.ଏ.)**

ବିଶିଷ୍ଟ ଗୀତିକବି ବିପିନ ମହାନ୍ତି ନୀହାରକନ୍ୟା ଗୀତିକବିତା ସମ୍ମାନ ପାଇଛନ୍ତି। ନୀହାରକନ୍ୟା ସାହିତ୍ୟ ସଂସଦ ପକ୍ଷରୁ ବୁଧବାର ଆୟୋଜିତ ଏକ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କ ପ୍ରକାଶିତ ୭ଟି କବିତା ବହିରୁ ଫୁଲେଇ ଫଗୁଣ, ପାପୁଲିଏ ପ୍ରେମ, ଚଗଲା ଚଇତି ଓ ଦୁଷ୍ଟ ପ୍ରଜାପତି ତାଙ୍କୁ ଭିନ୍ନ ପରିଚୟ ଦେଇଛି। ନୀହାରକନ୍ୟା ସାହିତ୍ୟ ସଂସଦ ସମ୍ପାଦକ ସୁରଞ୍ଜନ ପାତ୍ର କହିଛନ୍ତି, ବିପିନ ଖାଲି ଗୀତିକବି ନୁହନ୍ତି, ସେ ଜଣେ ଦେଶ ସୁରକ୍ଷା ବାହିନୀର ସଚ୍ଚା ସୈନିକ ଭାବେ କାମ ତୁଲାଇଥିଲେ। ପୂର୍ବରୁ ସେ ଧ୍ୱନିପ୍ରତିଧ୍ୱନି, ପ୍ରାଚୀଧାରା ଓ ସୁଲେଖା ସହିତ ଅନେକ ସମ୍ମାନ ପାଇଛନ୍ତି। ଜୟଦେବ ସାହିତ୍ୟ ସମାଜ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ସଂକ୍ଷେପରେ

### ଭାଜପା ଯୁବନେତାଙ୍କ ଦୁର୍ଘଟଣାରେ ମୃତ୍ୟୁ

**ଭୁବନେଶ୍ୱର,୧୭।୩(ବ୍ୟୁରୋ):** ସଡକ ଦୁର୍ଘଟଣାରେ ଭାଜପାର ଜଣେ ଯୁବ ନେତାଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ସରକନ୍ତରା ଗ୍ରାମର କୈଳାସ ଚନ୍ଦ୍ର ଜେନା। ସେ ସ୍କୁଟିରେ ବରମୁଣ୍ଡାରୁ ଘରକୁ ଫେରୁଥିବାବେଳେ ଖଣ୍ଡଗିରି ଥାନା ନିକଟ ହୋଟେଲ ଆହାର ସମ୍ମୁଖରେ ପଛରୁ ଆସୁଥିବା ଏକ ବସ୍ ତାଙ୍କୁ ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଡ୍ରାଇଭରଙ୍କୁ ଗିରଫ କରିଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ଆରମ୍ଭ ହୋଇଥିବା ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ପ୍ରଦାନ ଉତ୍ସବରେ ଶିଳ୍ପୀ ସୁପ୍ରଭା ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

**ବାଲିଅନ୍ତା,୧୭।୩(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ପାହଳ ଅଞ୍ଚଳରେ ରହୁଥିବା ସୁଚିସ୍ମିତା ସାହୁଙ୍କ ମଙ୍ଗଳବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଝିଅକୁ ବିଷ ପିଆଇ ହତ୍ୟା କରାଯାଇଥିବା ବାପ ଘର ଲୋକଙ୍କ ଅଭିଯୋଗ ପରେ ପୋଲିସ ସ୍ୱାମୀ ସୁବୀର ମୁଦୁଲିଙ୍କୁ ବୁଧବାର ଗିରଫ କରିଛି। ୨୦୧୯ରେ ଯାଜପୁର ଅଞ୍ଚଳର ସୁବୀର ନୟାଗଡ଼ ଓଡ଼ଗାଁର ସୁଚିସ୍ମିତାଙ୍କୁ ବିବାହ କରିଥିଲେ। ଉଭୟ ଏକ ତୈଳ କମ୍ପାନୀରେ ଚାକିରି କରି ଏଠାରେ ରହୁଥିଲେ। ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ହେଲେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ସେନେଇ ପୋଲିସ ମାମଲା(ନଂ.୭୪/୨୧) ରୁଜୁ କରି ତଦନ୍ତ କରୁଛି।

# ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କୁ 'ପଞ୍ଚମବେଦ' ସମ୍ମାନ

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ପଞ୍ଚମବେଦ ସମ୍ମାନ ସମାରୋହର ବୁଧବାର ଚତୁର୍ଥ ଦିବସରେ ବାଲେଶ୍ୱରର ସ୍ରଷ୍ଟା ଅନୁଷ୍ଠାନର କଳାକାରମାନେ ନାଟକ 'ମୁଁ ହାଟ ବାହୁଡା' ପରିବେଷଣ କରିଥିଲେ। ଏହି ଅବସରରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କୁ 'ପଞ୍ଚମବେଦ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ସୂଚନା ଅଧିକାର କମିଶନର ଦିଲୀପ ବିଶୋଇ, ସ୍ୱତନ୍ତ୍ର ସଚିବ ସୌରେନ୍ଦ୍ର ମହାପାତ୍ର, ଏମ୍‌ବିଏସ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଭରତ ଚନ୍ଦ୍ର ବେହେରା ଯୋଗଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ରଶ୍ମିତା



@ ଦେବୁ



@ ସାଗରକାନ୍ତ



@ ସୁଦର୍ଶନ



@ ସୁଶାନ୍ତ



@ ସମର



@ ସୁସ୍ମିତା

# ପିପିଲି ଉପନିର୍ବାଚନ: ଗୋଟିଏ ବୁଥ୍‌ରେ ସର୍ବାଧିକ ହଜାରେ ଭୋଟର

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ପିପିଲି ବିଧାନସଭା ଉପନିର୍ବାଚନ ଏପ୍ରିଲ ୧୭ରେ ହେବ। ମାର୍ଚ୍ଚ ୨୩ରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ତେବେ ଉପନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ବୁଧବାର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସେ କହିଛନ୍ତି, କୋଭିଡ୍ କଟକଣା ଭିତରେ ଭୋଟ ଗ୍ରହଣ କରାଯିବ। ଗୋଟିଏ ବୁଥ୍‌ରେ ସର୍ବାଧିକ ୧୦୦୦ ଲୋକ ଭୋଟ ଦେଇପାରିବେ। ଏଥିପାଇଁ ଅତିରିକ୍ତ ୭୫ ବୁଥ୍ କରିବାର ବ୍ୟବସ୍ଥା କରାଯିବ। ମାସ୍କ, ସାମାଜିକ ଦୂରତ୍ୱ ଓ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ ହେବ। ପ୍ରତ୍ୟେକ ବୁଥ୍‌ରେ ଜଣେ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ନିୟୋଜିତ କରାଯିବ। ୩ ପ୍ରକାର ଭୋଟରଙ୍କୁ ପୋଷ୍ଟାଲ ବାଲାଟ ଜରିଆରେ ଭୋଟ ଲାଗି ଅନୁମତି ମିଳିବ। ୮୦ ବର୍ଷରୁ ଅଧିକ, ଦିବ୍ୟାଙ୍ଗ ଓ କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ପୋଷ୍ଟାଲ ବାଲାଟର ବ୍ୟବସ୍ଥା କରାଯିବ। ନିର୍ବାଚନରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ କରୋନା ଯୋଦ୍ଧା ଭାବେ ବିବେଚନା କରାଯାଇ ଅଗ୍ରାଧିକାର ଭିତ୍ତିରେ ଟିକାକରଣ କରାଯିବ ବୋଲି ଲୋହାନୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ନାମାଙ୍କନ ସମୟରେ ପ୍ରାର୍ଥୀଙ୍କ ସହ ମାତ୍ର ୨ଟି ଗାଡ଼ିକୁ ଅନୁମତି ମିଳିବ। ଡୋର୍ ଟୁ ଡୋର କ୍ୟାମ୍ପେନ ସମୟରେ ପ୍ରାର୍ଥୀଙ୍କ ସହିତ ମାତ୍ର ୫ଜଣ ରହିପାରିବେ। ନିର୍ବାଚନରେ ସଂଶ୍ଳିଷ୍ଟ ଥିବା ସମସ୍ତ କର୍ମଚାରୀଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ବିବେଚନା କରାଯିବ। ପ୍ରଚାର ସମୟରେ ଅଧିକ ସଂଖ୍ୟାରେ ଗାଡ଼ି ବ୍ୟବହାର କରୁଥିବା ପ୍ରାର୍ଥୀ ମାସ୍କ ଏବଂ ସାନିଟାଇଜର ବ୍ୟବହାରକୁ ବାଧ୍ୟତାମୂଳକ କରିବେ। ପୂର୍ବ ଉପନିର୍ବାଚନ ଭଳି ସାମାଜିକ ଦୂରତା, କରୋନା ନିୟମ ପାଳନ ହେବ ବୋଲି ସିଇଓ କହିଛନ୍ତି। ସେହିପରି ଏକ ସଭାରେ ସର୍ବାଧିକ ୫ ଶହ ଲୋକ ସାମିଲ ହୋଇପାରିବେ। ସମସ୍ତ ବୁଥ୍‌ରେ ଇଭିଏମ ଏବଂ ଭିଭିପାଟ୍ ବ୍ୟବହାର ହେବ। ପ୍ରଚଳିତ ବ୍ୟବସ୍ଥା ମୁତାବକ ଭୋଟ ଗ୍ରହଣ ସମୟରେ ଭୋଟରଙ୍କ ପରିଚୟ ପତ୍ର ଅତ୍ୟନ୍ତ ଜରୁରୀ ଅଟେ। ଏହା ବ୍ୟତୀତ ମତଦାନରୁ କୌଣସି ଭୋଟର ବଞ୍ଚିତ ନ ହେବା ପାଇଁ ୧୧ଟି ବିକଳ୍ପ ମତଦାନ ସମୟରେ ବ୍ୟବହାର କରିବାକୁ ଅନୁମତି ମିଳିଛି।

### ଘର ଦଖଲ, ଗଣ୍ଡଗୋଳ ଘଟଣା

### ହାବିଲଦାରଙ୍କ ସମେତ ୧୭ ଗିରଫ

**ଭୁବନେଶ୍ୱର,୧୭।୩(ବ୍ୟୁରୋ):** ନୟାପଲ୍ଲୀ ଥାନା ଏକ ଘର ଦଖଲକୁ କେନ୍ଦ୍ର କରି ମଙ୍ଗଳାବର ଘଟିଥିବା ଗଣ୍ଡଗୋଳରେ ପୋଲିସ ଜଣେ ହାବିଲଦାରଙ୍କ ସମେତ ୧୭ଜଣଙ୍କୁ ଗିରଫ କରିଛି। ଗିରଫ ହାବିଲଦାର ଜଣକ ସଂଗ୍ରାମ କେଶରୀ ମହାନ୍ତି। ହାବିଲ୍‌ଦାର ଘଟଣାସ୍ଥଳରେ ଉପସ୍ଥିତ ଥାଇ କାର୍ଯ୍ୟରେ ଅବହେଳା କରିଥିବାରୁ ତାଙ୍କୁ ଗିରଫ କରାଯାଇଛି। ଗିରଫ ଅନ୍ୟମାନେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ଭୋଇ, ସମୁକ୍ତ ନାୟକ, ବିଜୟ କୁମାର ନାୟକ, ନୀଳକଣ୍ଠ ଜେନା, ଶେଖ ସିରାଉଦ୍ଦିନ ଓରଫ କାଲିମ ଓ ନୀତିନ ନାୟକ, ଖାରବେଳ ନଗର ଥାନା ଅଞ୍ଚଳର ସୁମିତ ନନ୍ଦନ ମୋହନ, ନୟାପଲ୍ଲୀ ଥାନା ଅଞ୍ଚଳର ମନୋଜ କୁମାର ବିଶ୍ୱାଳ, ଅରବିନ୍ଦ ମିଶ୍ର ଓ ଧରମ ସେଠୀ, ଖୋର୍ଦ୍ଧା କଲେକ୍ଟର ଅଫିସ ଅଞ୍ଚଳର ସମ୍ବିତ ଓରଫ ସିଲୁ, କ୍ୟାପିଟାଲ ଥାନା ଅଞ୍ଚଳର ମନୋରଞ୍ଜନ ମିଶ୍ର, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ସନ୍ତୁ ରାଜୁ ଓରଫ ଲିଣ୍ଟୁ, କ୍ରାନ୍ତି ମହାପାତ୍ର, ରମେଶ କୁମାର ଜେନା ଓ ବିକାଶ ବଳବନ୍ତରାୟ।

# ପରିଚୟ ନିକଟରେ ଅଟକିଯାଉଛି ତଦନ୍ତ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

### ଝାଁଳା ଫାଣ୍ଡି ଜବତ କାର୍‌ରୁ କଙ୍କାଳ ମିଳିବା ଘଟଣା



- ସ୍ଥାନୀୟ ଅଞ୍ଚଳରେ ତନାଘନା, ପ୍ରାୟ ୩୦ ଜଣଙ୍କୁ ପଚରାଉଚରା
- ସ୍କେଚ୍‌କୁ ଅପେକ୍ଷା କରିଛି ପୋଲିସ
- ଥାନାଧିକାରୀ ଓ ନିଲମ୍ବିତ ଫାଣ୍ଡି ଅଧିକାରୀଙ୍କ ବୟାନ ରେକର୍ଡ

ଜଟଣୀ ଥାନା ଅନ୍ତର୍ଗତ ଝାଁଳା ଫାଣ୍ଡି ପରିସରରେ ଥିବା ଜବତ କାର୍‌ରୁ ମହିଳାଙ୍କ କଙ୍କାଳ ଜବତ ଘଟଣାର ମାସେରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏଯାଏ ପରିଚୟ ଖୋଜି ପାଉନି। ମାସେ ଧରି ଘଟଣାକୁ ଚାପି ଦେଇଥିବାରୁ ଖୋଦ୍ ପୋଲିସ ସନ୍ଦେହ ଘେରକୁ ଆସିଛି। ସତକୁ ସାମ୍ନାକୁ ଆଣି ଖାକିରୁ ଦାଗ ଛଡ଼ାଇବା ପାଇଁ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ ମଧ୍ୟ ପରିଚୟ ନିକଟରେ ସବୁକିଛି ଅଟକି ଯାଉଛି। ବୁଧବାର ଡିସିପି ଉମାଶଙ୍କର ଦାଶଙ୍କ ସମେତ ତଦନ୍ତକାରୀ ଅଫିସର ବନିତା ମହାରଣା ଝାଁଳା ଫାଣ୍ଡି ଆଖପାଖ ବସ୍ତି ଓ ଅଞ୍ଚଳକୁ ଯାଇ ଲୋକଙ୍କୁ ପଚରାଉଚରା କରିଛନ୍ତି। ପୋଲିସ ସ୍ଥାନୀୟ ଲୋକଙ୍କୁ ସମ୍ପୃକ୍ତ ମହିଳାଙ୍କ ବୟସ, ଉଚ୍ଚତା, ଜବତ ଡ୍ରେସ୍ ସମ୍ବନ୍ଧରେ ଜଣାଇଥିଲେ ମଧ୍ୟ କେହି କିଛି କହିପାରୁନାହାନ୍ତି। ତେବେ ପୋଲିସ ପ୍ରତିଦିନ ବିଭିନ୍ନ ଅଞ୍ଚଳକୁ ଯାଇ ଅଧିକରୁ ଅଧିକ ଲୋକଙ୍କୁ ପଚରାଉଚରା କରିବ ବୋଲି ଡିସିପି ଦାଶ କହିଛନ୍ତି। ଅନ୍ୟପକ୍ଷରେ କଙ୍କାଳ ମୁଖମଣ୍ଡଳର ସ୍କେଚ୍ ଆସିବା ବିଳମ୍ବ ହେଉଥିବା ଜଣାପଡ଼ିଛି। ଏହାକୁ ପୋଲିସ ଚାତକ ପରି ଚାହିଁ ବସିଛି। ବେଙ୍ଗାଲୁରୁର ଏକ ଲ୍ୟାବରେ ମହିଳାଙ୍କ ସମ୍ଭାବ୍ୟ ସ୍କେଚ୍‌ର ରଫ୍ ପ୍ରସ୍ତୁତ ହୋଇସାରିଛି। ପୂରା ଚିତ୍ର ପ୍ରସ୍ତୁତ କରାଯାଇ ଖୁବ୍‌ଶୀଘ୍ର ଆସିବ ବୋଲି ଡିସିପି ସୂଚନା ଦେଇଛନ୍ତି। ସେହିପରି ଘଟଣା ସମ୍ବନ୍ଧରେ ଫାଣ୍ଡିର କେତେଜଣ ପୋଲିସ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଏଥିସହିତ ଜଟଣୀ ଥାନାଅଧିକାରୀ ଓ ନିଲମ୍ବିତ ଜାଁଳା ଫାଣ୍ଡି ଅଧିକାରୀଙ୍କର ମଧ୍ୟ ବୟାନ ରେକର୍ଡ କରାଯାଇଛି। ସୂଚନା ଅନୁଯାୟୀ, ୨୦୧୯ରେ ଗଞ୍ଜେଇ ଚାଲାଣବେଳେ ଭୁବନେଶ୍ୱର ଝାଁଳା ଫାଣ୍ଡି ଅଞ୍ଚଳରେ କୋରାପୁଟ ପୋଲିସ ଚଢ଼ାଉ କରି ଏକ କାର୍‌କୁ ଜବତ କରିଥିଲା। ଉକ୍ତ କାର୍ ସେବେଠାରୁ ଫାଣ୍ଡି ପରିସରରେ ପଡ଼ି ରହିଥିବାବେଳେ ମାଲିକ ବିପିନ କୋର୍ଟ ଅର୍ଡର ଧରି ଫେବୃୟାରୀ ୧୨ରେ ଗାଡ଼ି ନେବାକୁ ଫାଣ୍ଡିକୁ ଆସିଥିଲେ। ଏହି ସମୟରେ ତାଙ୍କ କାର୍‌ରେ ଏକ ନରକଙ୍କାଳ ପଡ଼ିଥିବା ଦେଖିବାକୁ ପାଇଥିଲେ। ଇତିମଧ୍ୟରେ କଙ୍କାଳ ଚିହ୍ନଟ ପାଇଁ ଡିଏନ୍‌ଏ ଟେଷ୍ଟ କରିବାକୁ ପୋଲିସର ଦାନ୍ତ, ହାଡ଼, ନଖ ଓ ବୁଟି ନମୁନା ରାଜ୍ୟ ଫରେନ୍‌ସିକ ଲାବକୁ ପଠାଯାଇଛି।

### ପୋଲିସ କମିଶନରଙ୍କୁ ଭେଟିଲା ଭାଜପା ମହିଳା ମୋର୍ଚ୍ଚା

ଫାଣ୍ଡି ପରିସର କାର୍ ଭିତରୁ ମହିଳାଙ୍କ ନର କଙ୍କାଳ ମିଳିବା ଘଟଣାରେ ବୁଧବାର ପୋଲିସ କମିଶନରଙ୍କୁ ଭେଟିଛନ୍ତି ବିଜେପି ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ। ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସ୍ମୃତି କହିଛନ୍ତି, ବିଗତ ଦିନରେ ମହିଳାଙ୍କ କଟାମୁଣ୍ଡ ଜବତ ହୋଇଥିବାବେଳେ ଏବେ କଙ୍କାଳ ମିଳିବା ଘଟଣା ସମସ୍ତଙ୍କୁ ଚକିତ ଓ ଭୟଭୀତ କରିଛି । ପୋଲିସ ଫାଣ୍ଡି ପାଖରେ ଅପରାଧୀମାନେ ଏଭଳି ଜଘନ୍ୟ କାଣ୍ଡ ଘଟାଇଛନ୍ତି କିମ୍ବା କେତେଜଣ ପୋଲିସ କର୍ମଚାରୀ ଏହି କାର୍ଯ୍ୟ କରିଛନ୍ତି ତାହାକୁ ନେଇ ସାଧାରଣରେ ଏବେ ପ୍ରଶ୍ନ ଉଠିଛି । ପୋଲିସ ତୁରନ୍ତ କଙ୍କାଳ କାହାର ପୋଲିସ ସ୍ପଷ୍ଟ କରିବା ସହ ସମ୍ପୃକ୍ତ ଅପରାଧୀକୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି।

## ଆଜି କ'ଣ କେଉଁଠି

ଜଟଣୀ
- ମା'ଦକ୍ଷିଣକାଳୀଙ୍କ ୧୩ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ପୂର୍ଣ୍ଣାହୁତି ଉତ୍ସବ, ନିରଞ୍ଜନପୁର, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଲୁଟ୍ ଯୋଜନା: ୨ ଗିରଫ

**ଖୋର୍ଦ୍ଧା ଅଫିସ, ୧୭।୩:** ୧୫ ଲକ୍ଷ ଟଙ୍କାର ଗଦି ଲୁଟ୍ ଯୋଜନା ଜଣେ ଡ୍ରାଇଭରଙ୍କୁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ଗଦି ମାଲିକଙ୍କ ଅଭିଯୋଗ କ୍ରମେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗଦି ବୋଝେଇ ମିନି ଟ୍ରକ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡ୍ରାଇଭର ମାନସ ଜେନା ଓ ତାଙ୍କ ସହଯୋଗୀ ଚନ୍ଦ୍ରକାନ୍ତ ମହାନ୍ତି। ଭୁବନେଶ୍ୱର କଳିଙ୍ଗନଗରର ଗଦି ମାଲିକ ନିରାକାର ଡିଅ ଗତ ୧୨ତାରିଖରେ କଟକ ଗୋପାଳପୁରରୁ ବ୍ରହ୍ମପୁରକୁ ୧୫ ଲକ୍ଷ ଟଙ୍କାର ଗଦି ଏକ ଟ୍ରକରେ ପଠାଇଥିଲେ। ଡ୍ରାଇଭର ବ୍ରହ୍ମପୁର ଯିବା ପରିବର୍ତ୍ତେ ଗଦି ସହ ଟ୍ରକକୁ ନିଜ ଗାଁ ନୟାଗଡ଼ ଜିଲା ଇଟାମାଟି ଥାନା ବାଉଁସିଆପଡ଼ାକୁ ନେଇଯାଇଥିଲେ। ଖବର ପାଇ ଗଦି ମାଲିକ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୧୦୭/୨୧) ରୁଜୁ କରି ଧରିଥିଲା।

### ସ୍ଥିର ଲକ୍ଷ୍ୟ, କଠିନ ପରିଶ୍ରମ ସଫଳତା ଦିଏ

**ଖୋର୍ଦ୍ଧା ଅଫିସ, ୧୭।୩:** ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ଉଚ୍ଚ ବିଦ୍ୟାଳୟର ୧୦୦ କୃତୀ ବିଦ୍ୟାର୍ଥୀଙ୍କୁ ରାଜ୍ୟସ୍ତରୀୟ ଭର୍ଚ୍ଚୁଆଲ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାର ୧୫ଜଣ ରହିଛନ୍ତି। ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ତପୋବନ ଆବାସିକ ହାଇସ୍କୁଲର ୧୪ ଓ ବୋଲଗଡ଼ ହରିପୁର ଆବାସିକ ହାଇସ୍କୁଲର ଜଣେ ଛାତ୍ର ରହିଛନ୍ତି। ବୁଧବାର ଜିଲାପାଳ ସନତ ମହାନ୍ତି ନିଜ କାର୍ଯ୍ୟାଳୟ ପରିସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜିଲାପାଳ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସ୍ଥିର ଲକ୍ଷ୍ୟପଥ ଓ କଠିନ ପରିଶ୍ରମ ଦ୍ୱାରା ସଫଳତା ମିଳିଥାଏ ବୋଲି କହିଥିଲେ। କୃତୀ ପିଲାଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ପିଡି ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଓଗାଳପଡ଼ା ସ୍କୁଲ ପାଖରେ ହେବ ଫୁଟ୍ ଓଭରବ୍ରିଜ୍

**ଯାଁଳା, ୧୭।୩(ଡି.ଏନ୍.ଏ.):** ଯାଁଳା ପଞ୍ଚାୟତର ଓଗାଳପଡ଼ା ସ୍କୁଲ ନିକଟ ଜାତୀୟ ରାଜପଥରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୩ ମାସ ତଳେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓଗାଳପଡ଼ା ଅଞ୍ଚଳକୁ ପରିଦର୍ଶନରେ ଆସିଥିବାବେଳେ ଗ୍ରାମବାସୀ ସେଠାରେ ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ କରିବାକୁ ସ୍ମାରକପତ୍ର ଦେଇଥିଲେ। ଏ ନେଇ ଏମ୍‌ପି ଷଡ଼ଙ୍ଗୀ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଥିଲେ। ତେବେ ମନ୍ତ୍ରୀ ଗଡ଼କରୀ ଫୁଟ ଓଭରବ୍ରିଜ ନିର୍ମାଣ ପାଇଁ ୧କୋଟି ୨୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହା ଜଣାପଡ଼ିବା ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ଏବଂ ମନ୍ତ୍ରୀ ଗଡକରୀଙ୍କୁ ଏମ୍‌ପି ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। ଗ୍ରାମବାସୀ ମଧ୍ୟ ଷଡ଼ଙ୍ଗୀଙ୍କୁ ଏଥିପାଇଁ ସାଧୁବାଦ ଜଣାଇଛନ୍ତି।

### ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ବୈଠକ

**ଜଟଣୀ, ୧୭।୩(ଡି.ଏନ୍.ଏ.):** ଜଟଣୀସ୍ଥ ଅଗ୍ରୱାଲ ଧର୍ମଶାଳା ପରିସରରେ ଜଟଣୀ ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ଏକ ଜରୁରୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ସଂଘର ସଭାପତି ସୁବ୍ରତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୌର କର୍ମଚାରୀଙ୍କ ପେନ୍‌ସନ୍ ଗ୍ରାଣ୍ଟ ନିମନ୍ତେ ସମସ୍ତ ଜିଲାର ଜିଲାପାଳଙ୍କୁ ପୌର ନିର୍ଦ୍ଦେଶକ ପକ୍ଷରୁ ପ୍ରଦାନ କରାଯାଇଥିବା କ୍ଷମତାକୁ ସ୍ୱାଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜଟଣୀ ପୌର ପରିଷଦ ନିର୍ବାହୀ ଅଧିକାରୀ ଏବଂ ପ୍ରଶାସକଙ୍କୁ ପୌର କର୍ମଚାରୀଙ୍କ ପେନ୍‌ସନ୍ ଏବଂ ବକେୟା ପ୍ରାପ୍ୟ ପ୍ରଦାନ କରିବା ପାଇଁ ଦାବିପତ୍ର ଦିଆଯିବା ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଉପସଭାପତି ସୁବାସଚନ୍ଦ୍ର ସୁବୁଦ୍ଧି, ସମ୍ପାଦକ ସରୋଜ ରାଏ, କୋଷାଧ୍ୟକ୍ଷ ସୁରଥ ଭୂୟାଁଙ୍କ ସହିତ ବହୁ ଅବସରପ୍ରାପ୍ତ ପୌରକର୍ମଚାରୀ ଯୋଗଦେଇଥିଲେ।

# ନକଲି ଚାଷୀଙ୍କ ନାଁରେ ଧାନକିଣା

## ଜିଲାପାଳଙ୍କ ନିକଟରେ ଅଭିଯୋଗ

- ତାଲିକା ଯାଞ୍ଚ ସହ କାର୍ଯ୍ୟାନୁଷ୍ଠାନ ଦାବି
- ଯୋଗାଣ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ

ଖୋର୍ଦ୍ଧା ଅଫିସ, ୧୭।୩

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁର ପାଟଣା ପ୍ରାଥମିକ ସେବା ସମବାୟ ସମିତିରେ ନକଲି ଚାଷୀଙ୍କଠାରୁ ଶହ ଶହ କୁଇଣ୍ଟାଲ ଧାନ କିଣାଯାଇଥିବା ବୁଧବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେହିପରି ଟୋକନ ପାଇଥିବା ସମସ୍ତ ଚାଷୀଙ୍କଠାରୁ ଧାନ କ୍ରୟ ଲାଗି ଦାବି କରାଯାଇଛି। ଧାନ କିଣାଯାଇଥିବା ନକଲି ଚାଷୀଙ୍କ ଯାଞ୍ଚ କରାଯିବା ସହ ଏହି ଦୁର୍ନୀତିରେ ସମ୍ପୃକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ତ୍ରିନାଥ ଖଟାଇ, ବ୍ରଜବନ୍ଧୁ ଦାଶ, ଦିଲୀପ ମାଝି, ରଞ୍ଜନ କୁମାର ପରିଡ଼ା, କବିରାଜ ବେହେରା, ଖଲି ବେହେରା, କାଳିଆ ଚମ୍ପତି, ସନ୍ତୋଷ ପରିଡ଼ା ପ୍ରମୁଖ ବହୁ ଚାଷୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲାପାଳ ସନତ କୁମାର ମହାନ୍ତି ଏହି ଅଭିଯୋଗର ତଦନ୍ତ ଲାଗି ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସମବାୟ ସମିତି ସମ୍ପାଦକ ଚଞ୍ଚକତା ଭାବେ ନକଲି ଚାଷୀଙ୍କ ନାମରେ ଟୋକନ କରାଇ ସେମାନଙ୍କଠାରୁ ଧାନ କିଣି ସରକାରଙ୍କ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଛନ୍ତି। ସେହିପରି ସମିତିରେ ଜଣେ କର୍ମଚାରୀଙ୍କ ନାମରେ ମାତ୍ର ୪୫୦ ଡିସିମିଲ ଜମି ରହିଛି। ହେଲେ ସେ ବିଭିନ୍ନ ବ୍ୟକ୍ତିଙ୍କ ନାମରେ ଯଥା ପତିତପାବନ ରାଉତରା ମହାପାତ୍ର, ପିତା-ଦିଗମ୍ବର ରାଉତରା ମହାପାତ୍ର, ବାସସ୍ଥାନ ଖଙ୍ଗୁରିଆ, ଖାତା ନଂ. ୨୫୫, ପ୍ଲଟ ନଂ-୧୦୧, ୧୪୩୨, ୨୩୦, ୨୪୧, ୮୮, ୮୯ ଓ ୯୨ରେ ଧାନ ବିକ୍ରି କରିଛନ୍ତି। ସେହିପରି ଚନ୍ଦ୍ରଶେଖର ଚମ୍ପତି ପିତା- ଦିଗମ୍ବର ଚମ୍ପତି, ଶ୍ରୀଚନ୍ଦନପୁରପାଟଣା ସ୍ଥାନୀୟ ସମିତି ସଂଲଗ୍ନ ଗୃହରେ ପ୍ରାୟ ଏକବର୍ଷ ଧରି ରହି ଆସୁଥିବାବେଳେ ସେ ବିଭିନ୍ନ ଚାଷୀଙ୍କ ନାମରେ ୬୬ କୁଇଣ୍ଟାଲ ଧାନ କିଣିଛନ୍ତି। ଚନ୍ଦ୍ରଶେଖର ଦାଶ, ପିତା-ଗଣେଶ୍ୱର ଦାଶ, ବାସସ୍ଥାନ ଶ୍ରୀଚନ୍ଦନପୁର, ଖାତା ନଂ-୧୧୮, ପ୍ଲଟ ନଂ-୧୦୫୩, ୧୨୬୧, ୧୩୭୧, ୧୪୩୪, ୧୪୩୮, ୧୫୦୭, ୮୩୨, ୮୪୯, ୮୫୦ ନାମରେ ୬୦ କୁଇଣ୍ଟାଲ ଧାନ କିଣାଯାଇଛି। ଏହି ସମିତିରେ ଅନେକ ଚାଷୀ ଟୋକନ ପାଇ ସୁଦ୍ଧା ଏପର୍ଯ୍ୟନ୍ତ ଧାନ ବିକ୍ରି କରିପାରୁ ନାହାନ୍ତି। ବେଣୁଧର ଦାଶ ଟୋକନ ନଂ-୨୪୦ରେ ୨୭ କୁଇଣ୍ଟାଲ ଧାନ ଧରି ବିକ୍ରି ଲାଗି ମଣ୍ଡିରେ ଜଗି ବସିଛନ୍ତି। ଟାର୍ଗେଟ ସରିଯାଇଥିବା କହି ତାଙ୍କ ଧାନ ନିଆଗଲା ନାହିଁ। ବେଣୁଧରଙ୍କ ପରି ଅନେକ ଚାଷୀ ମଣ୍ଡିରେ ଧାନବସ୍ତା ଧରି ପଡ଼ିରହିଛନ୍ତି। ଚାଷୀଙ୍କ ତାଲିକା ଓ ରେକର୍ଡ ଯାଞ୍ଚ କରାଗଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ସମ୍ପୃକ୍ତ ସମିତି ସମ୍ପାଦକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଓଡ଼ିଆରେ ଲେଖାଯିବ ନାମଫଳକ

## ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ, ୧୭।୩

ଏପ୍ରିଲ ୧ରେ ଖୋର୍ଦ୍ଧା ସଦର ମହକୁମାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ କରାଯିବ। ଏ ନେଇ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏପ୍ରିଲ ୧ତାରିଖ ଭୋରରେ ଖୋର୍ଦ୍ଧା ସହରରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରଚାର କରାଯିବ। ସକାଳ ସାଢେ ୭ଟାରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପୂର୍ବାହ୍ନ ୧୧ଟାରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନଗୁଡ଼ିକରେ ସମୂହ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବାକୁ ସ୍ଥିର ହୋଇଛି। ସମସ୍ତ କାର୍ଯ୍ୟାଳୟ, ଅନୁଷ୍ଠାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରାଯିବ। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନର ନାମଫଳକ ଓଡ଼ିଆରେ ଲେଖାଯିବ। ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହେବ। ମାର୍ଚ୍ଚ ୨୪ରୁ ପ୍ରାଣନାଥ ପଟ୍ଟନାୟକ କଲେଜରେ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ହେବ। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୀବନ୍ତ ଆଚାର୍ଯ୍ୟ, ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ଓରମାସ୍ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁଣ୍ଡିଚା ବେହେରା, ଶିକ୍ଷାବିତ୍ ପ୍ରଫେସର ନାରାୟଣ ରାଓ, ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିୟାରସିଂ, ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ, ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ଏସ୍.ଗୋହର ଅଲ୍ଲୀ, ଓକିଲ ସଂଘ ସଭାପତି ଶିଶିର ପରିଡ଼ା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ସୁରକ୍ଷା ପରଖିଲା ଏନ୍‌ଏସ୍‌ଜି ଟିମ୍



ପୁରୀ ଅଫିସ, ୧୭।୩

ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)ର ୩ ଜଣିଆ ଟିମ୍ ବୁଧବାର ପୁରୀରେ ପହଞ୍ଚି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛି। ଏହି ଟିମ୍‌ର ସଦସ୍ୟମାନେ ପ୍ରଥମେ ଉତ୍ତର ଦ୍ୱାର ଓ ପରେ ଶ୍ରୀମନ୍ଦିର ଚାରିପାଖ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିସହ ଶ୍ରୀମନ୍ଦିର ନକ୍ସା ଦେଖିଛନ୍ତି। ଆସିଷ୍ଟାଣ୍ଟ କମାଣ୍ଡର କୌଶିକ ନାୟକ ଏହି ଟିମ୍‌ର ସଦସ୍ୟମାନଙ୍କୁ ଶ୍ରୀମନ୍ଦିର ଚାରିପାଖ ବୁଲାଇ ଦେଖାଇଥିଲେ। ପରେ ସେମାନେ ଶ୍ରୀମନ୍ଦିର ବ୍ୟାରିକେଡ୍ ଓ ଦକ୍ଷିଣ ଦ୍ୱାରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ୭୫ ମିଟର ସ୍ୱତନ୍ତ୍ର କରିଡର ବୁଲିବା ପରେ ଏନ୍‌ଏସ୍‌ଜି ଟିମ୍ ଫେରିଯାଇଛି। ଏହି ଯାଞ୍ଚ ଅବସରରେ ଏସ୍‌ପି କନୱର ବିଶାଲ ସିଂ ଉପସ୍ଥିତ ଥିଲେ। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏନ୍‌ଏସ୍‌ଜି ଟିମ୍ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛି। ଏ ସଂକ୍ରାନ୍ତ ଇଣ୍ଟରନାଲ୍ ରିପୋର୍ଟ ଗୃହ ବିଭାଗକୁ ଦେବ। ସୁରକ୍ଷା ବ୍ୟବସ୍ଥାରେ କୌଣସି ସମସ୍ୟା ଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ମିଳିଲେ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ। ଏଥିଲାଗି ଆମେ ସର୍ବଦା ସଜାଗ ଓ ପ୍ରସ୍ତୁତ ରହିଛୁ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ୧୪.୮୧ ଲକ୍ଷ କୁଇଣ୍ଟାଲ ଧାନକିଣା ସରିଛି

ଖୋର୍ଦ୍ଧା ଅଫିସ, ୧୭।୩

ଖୋର୍ଦ୍ଧା ଜିଲାରେ ଖରିଫ ଧାନ କିଣା ଚାଲିଛି। ବୁଧବାର ସୁଦ୍ଧା ୩୮୪୨୪ ଚାଷୀଙ୍କଠାରୁ ୨୧୪ ଲକ୍ଷ ୮୧ହଜାର ୫୪୭ ଲକ୍ଷ କୁଇଣ୍ଟାଲ ଧାନ କିଣାସରିଛି। ଏ ବାବଦରେ ୨୬୩ କୋଟି ୪୬ ଲକ୍ଷ ଟଙ୍କା ଦିଆସରିଛି। ମିଲର୍ସଙ୍କଠାରୁ ୨୮୨୫୨୪ କୁଇଣ୍ଟାଲ ଚାଉଳ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ ବାଲିଅନ୍ତାରେ ୧ଲକ୍ଷ ୯୧ ହଜାର ୮୫୦ ଟାର୍ଗେଟ ମଧ୍ୟରୁ ୧ଲକ୍ଷ ୮୯ହଜାର ୯୮୦ କୁଇଣ୍ଟାଲ ଧାନ କିଣାସରିଛି। ବାଲିପାଟଣା ବ୍ଲକରେ ୨ଲକ୍ଷ ୨୩ ହଜାର ୯୯୦ କୁଇଣ୍ଟାଲ ଟାର୍ଗେଟରୁ ୨ଲକ୍ଷ ୨୦ହଜାର ୪୫୬, ଭୁବନେଶ୍ୱର ବ୍ଲକରେ ୮୩ ହଜାର ୬୬୦ ମଧ୍ୟରୁ ୮୨ ହଜାର ୯୨୩, ଜଟଣୀରେ ୬୮ହଜାର ୫୫୦ ମଧ୍ୟରୁ ୬୭ହଜାର୮୫୪, ଖୋର୍ଦ୍ଧା ବ୍ଲକରେ ୧ଲକ୍ଷ ୩୨୫ଶହ ମଧ୍ୟରୁ ୧ଲକ୍ଷ ୩୦ ହଜାର ୨୯୭, ବେଗୁନିଆରେ ୧ଲକ୍ଷ ୮୩ ହଜାର ୧୯୦ ମଧ୍ୟରୁ ୧ଲକ୍ଷ ୮୦ହଜାର ୪୯୭, ବୋଲଗଡରେ ୧ଲକ୍ଷ ୮୧ହଜାର ୮୩୦ ମଧ୍ୟରୁ ୧ଲକ୍ଷ ୭୭ହଜାର ୨୪୩, ଟାଙ୍ଗୀରେ ୧ଲକ୍ଷ ୩୬ ହଜାର ୯୦ ମଧ୍ୟରୁ ୧ଲକ୍ଷ ୩୩ହଜାର ୭୭୨, ଚିଲିକାରେ ୧ଲକ୍ଷ ୨୦ ହଜାର ୪ଶହ ମଧ୍ୟରୁ ୧ଲକ୍ଷ ୧୭ହଜାର ୮୧୩ ଏବଂ ବାଣପୁର ବ୍ଲକରେ ୧ଲକ୍ଷ ୪୪ ହଜାର ୮ଶହ ଟାର୍ଗେଟ ମଧ୍ୟରୁ ୧ଲକ୍ଷ ୪୦ହଜାର ୮୯୫ କୁଇଣ୍ଟାଲ ଧାନ କିଣା ସରିଛି।

# ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ

ଖୋର୍ଦ୍ଧା ଅଫିସ, ୧୭।୩

ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭାର ପଞ୍ଚମ ସାଧାରଣ ସଭା ସ୍ଥାନୀୟ ରୋଟାରି କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଭାର ସଭାପତି ଦେବପ୍ରସାଦ ମଜୁମଦାର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିରେନ୍ଦ୍ର ନାଥ ମିତ୍ର ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ସେମାନେ ସାମାଜିକ କାର୍ଯ୍ୟ ପାଇଁ ଆଗେଇ ଆସିବା ଉଚିତ। ମୁଖ୍ୟବକ୍ତା ଭାବେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ନରସିଂହ ପ୍ରସାଦ ପଟ୍ଟନାୟକ, ଭୀମସେନ ପ୍ରଧାନ, ସାମାଜିକ କର୍ମୀ ହାଜୀ ନସିରୁଦ୍ଦିନ୍ ଖାନ୍, ଦିଲୀପ କୁମାର ପଟ୍ଟନାୟକ, ନାଟ୍ୟକାର ଡା. ଧନେଶ୍ୱର ସାହୁ, ପୂର୍ବତନ ବ୍ୟାଙ୍କ ଅଧିକାରୀ ସୁଦର୍ଶନ ଭଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପାଦକ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରି କ୍ଲବ ଉପସଭାପତି ତାପସ କୁମାର ବୋଷ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ଶିବିରରେ ୫୨ ପୁରୁଷ ଓ ୪୨ଜଣ ମହିଳାଙ୍କର ବିଭିନ୍ନ ରୋଗ ପରୀକ୍ଷା କରାଯାଇଥିଲା।

# ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ଜିଲାପାଳ

ଜଟଣୀ, ୧୭।୩(ଡି.ଏନ୍.ଏ.)



ଏକ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି ଜିଲାପାଳ ସନତ ମହାନ୍ତି।

ଖୋର୍ଦ୍ଧା ଜିଲାପାଳ ସନତ ମହାନ୍ତି ବୁଧବାର ଜଟଣୀ ଗସ୍ତ କରି ବିଭିନ୍ନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଜିଲାପାଳ ପ୍ରଥମେ ଗସ୍ତ କରି ଜଟଣୀ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପୌରାଞ୍ଚଳର ବିଭିନ୍ନ ସାହି ବସ୍ତିରୁ ୧ଲକ୍ଷ ୭୬ ହଜାର ଟଙ୍କା ବ୍ୟୟରେ ନିର୍ମିତ ଅଳିଆ ଉଠାଇବା ନିମନ୍ତେ ବ୍ୟବହୃତ ୧୦ଟି ବ୍ୟାଟେରିଚାଳିତ ରିକ୍ସାକୁ ଉଦ୍‌ଘାଟନ କରିଥିଲେ। ଜାଗା ମିଶନ ଯୋଜନାରେ ୬ଲକ୍ଷ ଟଙ୍କା ବ୍ୟୟରେ ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମସ୍ଥ ମହତାବନଗର ମଙ୍ଗରାଜ ସାହିରେ ମାଇକ୍ରୋ ଆକ୍ଟିଭିଟି ସେଣ୍ଟର, ଷଣ୍ଢପୁର ଗ୍ରାମର ହରିଜନ ସାହିଠାରେ କମ୍ୟୁନିଟି ସେଣ୍ଟର ଏବଂ ପୌର କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କ ନିମନ୍ତେ ପ୍ରତୀକ୍ଷାଳୟକୁ ଉଦ୍‌ଘାଟନ କରିଥିଲେ। ଏହାସହ ପୌରାଞ୍ଚଳର ୧୨ ୱାର୍ଡରେ ବାସ କରୁଥିବା ୧୦ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିବା ସହ କୁଦିଆରୀ ଗ୍ରାମଠାରେ ଦିବ୍ୟାଙ୍ଗ ରାଜମିସ୍ତ୍ରି ସୋମନାଥ ମହାନ୍ତିଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ କାଉନ୍‌ସିଲର ଅନନ୍ତ ବେହେରା, ଲୁସେନ୍ ରାୟ, ବୀରକିଶୋର ସେଠୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ପରେ ଜିଲାପାଳ ମହାନ୍ତି ଜଟଣୀ ସୀତାରାମ ଛକଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଫ୍ଲାଏଓଭର ବ୍ରିଜ ନିର୍ମାଣ ସ୍ଥଳୀ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସ୍ଥାନୀୟ ବଡବଜାରଠାରେ ବ୍ରିଜ୍ ନିର୍ମାଣରେ ପ୍ରତିବନ୍ଧକ ହେଉଥିବା ୩ଟି ଗୃହକୁ ଆଇନ ମୁତାବକ ଉଚ୍ଛେଦ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗସ୍ତରେ ଉପଜିଲାପାଳ ଦେବବ୍ରତ ସାହୁ, ଜଟଣୀ ତହସିଲଦାର ତପନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାକଡ଼କୁ ଓଲଟିଲା ଟ୍ରକ୍

ବେଗୁନିଆ, ୧୭।୩(ଡି.ଏନ୍.ଏ.)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ଅଧୀନ ବାମଡିହ ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ମାଲ୍ ବୋଝେଇ ଟ୍ରକ ଓଲଟି ପଡ଼ିଛି। ହେଲେ ଏଥିରେ ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାଥାଉ କି ଭୁବନେଶ୍ୱରରୁ ଏକ ୧୨ ଚକିଆ ଟ୍ରକ୍ ରେଳ ଧାରଣା ନିର୍ମାଣ ପାଇଁ ସରଞ୍ଜାମ ବୋଝେଇ କରି ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ନୟାଗଡ଼ ଅଭିମୁଖେ ଯାଉଥିଲା। ହେଲେ ବେଗୁନିଆ ନିକଟରେ ଭାରସାମ୍ୟ ହରାଇ ଟ୍ରକ୍‌ଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା।

# ବିଜୁ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ବିଜୁ ପ୍ରିମିୟର ଲିଗ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଖୋର୍ଦ୍ଧା ଅଫିସ, ୧୭।୩

ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ବୁଧବାର ବିଜୁ ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। ଏହି କ୍ରିକେଟ ଟୁର୍ନାମେଣ୍ଟରେ ଭାଗନେଇଥିବା ୬ଟି ଜିଲା ଯୁବ ଓ ଛାତ୍ର ବିଜେଡି ଖେଳାଳୀ ଏକ ଶୋଭାଯାତ୍ରାରେ ବାହାରି ଖେଳପଡ଼ିଆରେ ପହଞ୍ଚିଥିଲେ। ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ରାଜ୍ୟ ଯୁବ ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବିଜୁ ମହିଳା ମୋର୍ଚ୍ଚା ମହାସଚିବ ଏଲିନା ଦାଶ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରେନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ଜିଲା ଯୁବ ବିଜେଡି ସଭାପତି ରାଜେଶ ପରିଡା, ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ଦିନରେ ବିଜେବି ହାଇସ୍କୁଲ ଏବଂ ପିଏନ୍ କଲେଜ ଖେଳପଡ଼ିଆକୁ ଉନ୍ନତମାନର କରାଯିବ ବୋଲି ବିଧାୟକ ମିତ୍ର କହିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ଟିମ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଟୁର୍ନାମେଣ୍ଟ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଦୁଇଟି ଲେଖାଏ ମ୍ୟାଚ ଖେଳାଯିବ। ୨୧, ୨୨ ଓ ୨୩ରେ ୩ଟି ସୁପର ଲିଗ୍ ମ୍ୟାଚ ହେବ। ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚ ସହ ରାତିରେ ବିଧାୟକଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କେହି କୋଭିଡ୍ କଟକଣା ମାନୁ ନ ଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା।

# ଜାଲ୍ ବିଲ୍ ଦେଇ କୃଷି ଯନ୍ତ୍ରାଂଶ ବିକ୍ରି

ଜଟଣୀ, ୧୭।୩(ଡି.ଏନ୍.ଏ.)

ଜଟଣୀ ବ୍ଲକର ସହକାରୀ କୃଷି ଅଧିକାରୀ ଏକ ଜାଲ୍ ବିଲ୍ କରି କୃଷି ଯନ୍ତ୍ରାଂଶ ପ୍ରଦାନ କରିଥିବା ନେଇ ଜଣେ ଚାଷୀ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଏହି ବ୍ଲକ ଅଧୀନ ପଦନପୁର ଗ୍ରାମର ଚାଷୀ ସୁରେଶ କୁମାର ଛୋଟରାୟ ଗତ ବର୍ଷ ଜୁଲାଇରେ ଏକ କୃଷି ଯନ୍ତ୍ରାଂଶ (ସ୍ପ୍ରେୟାର) ବ୍ଲକ ପରିସରରେ ଥିବା ସହାୟକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ କିଣିଥିଲେ। ଏ ନେଇ ବିଲ୍ ମାଗିବାରୁ କୃଷି ଉପକରଣ ପାଇଁ କାର୍ଯ୍ୟାଳୟ ତରଫରୁ କୌଣସି ବିଲ୍ ଦିଆଯାଉ ନ ଥିବା ଅଧିକାରୀ କହିଥିଲେ। କେବଳ ରେଜିଷ୍ଟରରେ ଲେଖି କୃଷି ଯନ୍ତ୍ରାଂଶ କିଣିଥିବା ଚାଷୀଙ୍କ ଠାରୁ ଦସ୍ତଖତ ରଖିଥାଉ ବୋଲି କହି ସମ୍ପୃକ୍ତ ଚାଷୀଙ୍କୁ ଫେରାଇ ଦେଇଥିଲେ। ବିଲ୍ ପାଇଁ ଚାଷୀ ଜଣକ କୃଷି କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାରୁ ୭ମାସ ପରେ ବ୍ଲକ କୃଷି ଅଧିକାରୀ ଗ୍ରାମ୍ୟ କୃଷି କାର୍ଯ୍ୟକର୍ତ୍ତା(ଭିଏଲ୍‌ଡବ୍ଲ୍ୟୁ)ଙ୍କ ମାଧ୍ୟମରେ ଚଳିତ ମାସ ୪ତାରିଖରେ ଏକ ବିଲ୍ ପ୍ରଦାନ କରିଥିଲେ। ସେଥିରେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନ୍ ଲିମିଟେଡ୍, ସତ୍ୟନଗର ଭୁବନେଶ୍ୱର ଦ୍ୱାରା ପ୍ରଦତ୍ତ କରାଯାଇଥିବା ଉଲ୍ଲେଖ ରହିଛି। ହେଲେ ବିଲ୍‌ରେ କୌଣସି ଜିଏସ୍‌ଟି, ଟିନ୍ ନମ୍ବର ନ ଥିବା ସହିତ କୌଣସି ଅଧିକାରୀଙ୍କ ଷ୍ଟାମ୍ପ କିମ୍ବା ଲୋଗ ରହି ନ ଥିବା ଦେଖୀ ଚାଷୀଙ୍କ ମନରେ ଉକ୍ତ ବିଲ୍‌ରେ ତ୍ରୁଟି ଏବଂ ତାହା ଜାଲ୍(ଫେକ୍) ବୋଲି ସନ୍ଦେହ କରିଥିଲେ। ଯେକୌଣସି କିଣାବିକା ସାମଗ୍ରୀ ପାଇଁ ଜିଏସ୍‌ଟି, ଟିନ୍ ନମ୍ବର ସହିତ ବିଭିନ୍ନ ସରକାରୀ ଚିହ୍ନ ରହି ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଥିବା ସମୟରେ ଜଟଣୀ ବ୍ଲକ୍ କୃଷି କାର୍ଯ୍ୟାଳୟରେ ଏଭଳି ବ୍ୟତିକ୍ରମ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ଅନିୟମିତତାକୁ ନେଇ ଚାଷୀ ଜଣକ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା, ଜିଲା କୃଷି ଅଧିକାରୀ, ଖୋର୍ଦ୍ଧା ଏବଂ ଜଟଣୀ ବିଡିଓଙ୍କୁ ଗତ ୭ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସହାୟକ କୃଷି ଅଧିକାରୀ ରୁଚିସ୍ମିତା କରମହାପାତ୍ର କହିଛନ୍ତି, ବିଭାଗ ପକ୍ଷରୁ ଗତ ୬, ୭ ବର୍ଷ ହେବ ରସିଦ୍ ବହି ଇସ୍ୟୁ କରାଯାଇନାହିଁ। ରେଜିଷ୍ଟ୍ରିରେ ଲେଖି ଚାଷୀଙ୍କ ଦସ୍ତଖତ ରଖିଥାଉ। ଯଦି କେହି ଯନ୍ତ୍ରାଂଶର ବିଲ୍ ଦାବି କରୁଛନ୍ତି, ଆମେ କମ୍ପ୍ୟୁଟର ତିଆରି ବିଲ୍ ସାଇନ କରି ପ୍ରଦାନ କରୁଛୁ।

# ଫାଇଲିନ ଗୃହ ଦାବିରେ ବ୍ଲକ ଆଗରେ ଅନଶନ

କୃଷ୍ଣପ୍ରସାଦ, ୧୭।୩(ଡି.ଏନ୍.ଏ.)



ଫାଇଲିନ ସହାୟତା ଦାବିରେ ହିତାଧିକାରୀମାନେ ଧାରଣା ଦେଇଛନ୍ତି।

ଫାଇଲିନ ବାତ୍ୟା ଯିବାର ୮ବର୍ଷ ବିତିଯାଇଥିଲେ ମଧ୍ୟ କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଅଞ୍ଚଳର କେତେକ ହିତାଧିକାରୀ ଏଯାଏ ସରକାରୀ ସାହାଯ୍ୟ ପାଇନାହାନ୍ତି। ଗୃହ ପାଇବା ଦାବିରେ ଉକ୍ତ ୨ ଅଞ୍ଚଳକୁ ନେଇ ଗଠିତ ମହାସଂଘ ସହ କେତେଜଣ ହିତାଧିକାରୀ ବୁଧବାର ବ୍ଲକ ଆଗରେ ଅହୋରାତ୍ର ଅନଶନରେ ବସିଛନ୍ତି। ଫାଇଲିନରେ ଗୃହ ହରାଇଥିବା ପରିବାର ପାଇଁ ପୁରୀ, ଗଞ୍ଜାମ ଏବଂ ଖୋର୍ଦ୍ଧା ଜିଲାରେ ଗୃହ ସହାୟତା ନିମନ୍ତେ ବିଶ୍ୱ ବ୍ୟାଙ୍କ ୩ଲକ୍ଷ ଟଙ୍କା ଲେଖାଏ ସହାୟତା ଯୋଗାଇଛନ୍ତି। ଉକ୍ତ କାର୍ଯ୍ୟ ଖୋର୍ଦ୍ଧା, ଗଞ୍ଜାମ ଜିଲାରେ ଶେଷ ହୋଇଥିବାବେଳେ ପୁରୀ ଜିଲାର ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ବ୍ଲକରେ ରାଜନୈତିକ ରୂପ ନେଇ ଏହା ୮ବର୍ଷ ବିତିଯାଇଛି। ୩୦୪୬ଟି ଗୃହ ପରିବାରକୁ ଯୋଗାଇଦେବା ପାଇଁ ସରକାରୀ ଚିହ୍ନଟ ସରିଥିଲେ ମଧ୍ୟ ୧୩୪୯ଜଣଙ୍କୁ ଘର କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଅନ୍ୟମାନଙ୍କୁ ବିଭିନ୍ନ ଆଳ ଦେଖାଇ ଏହି ସୁବିଧାରୁ ବଞ୍ଚିତ କରାଯାଇଥିଲା। ବାତ୍ୟା ଘର ସହାୟତାରୁ ବଞ୍ଚିତ କୃଷ୍ଣପ୍ରସାଦର ୨୩୦ଟି ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୩/୯/୨୦୨୦ରେ ଉକ୍ତ ବ୍ୟକ୍ତିମାନଙ୍କୁ ସରକାର ଗୃହ ଯୋଗାଇଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରକାର ଏହାକୁ ଅବମାନନା କରିବାରୁ ହିତାଧିକାରୀମାନେ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦/୧/୨୦୨୧ରେ ହାଇକୋର୍ଟ ତରଫରୁ ପୁନର୍ବାର ଲୋକମାନଙ୍କୁ ଘର ଯୋଗାଇଦେବା ପାଇଁ ନିର୍ଦ୍ଦେଶ ନାମା ଜାରି କରିଛନ୍ତି। ସରକାର ଏଥିରେ କଚ୍ଛପ ନୀତି ଅବଲମ୍ବନ କରୁଥିବାରୁ ଏହାର ପ୍ରତିବାଦରେ ଶତାଧିକ ହିତାଧିକାରୀ ସକାଳ ୧୦ଟାରୁ ଅନଶନ ଆରମ୍ଭ କରିଛନ୍ତି। ସଂଗଠନର ମୁଖ୍ୟ ସୁବାସ ଚନ୍ଦ୍ର ଜେନା, କାର୍ତ୍ତିକ ଦଳେଇ, ପ୍ରକାଶ ବିଶ୍ୱାଳ, ଶମ୍ଭୁ ପଲେଇ, ପ୍ରଫୁଲ୍ଲ ଜଗଦ୍ଦେବଙ୍କ ନେତୃତ୍ୱରେ ପୁରୁଷ ମହିଳାମାନେ ଅନଶନରେ ସାମିଲ ହୋଇଛନ୍ତି। ୪୮ଘଣ୍ଟା ଅନଶନ ପରେ ପ୍ରଶାସନ ଯଦି ଏଥିପ୍ରତି କୌଣସି ଦୃଷ୍ଟି ନ ଦିଅନ୍ତି, ତେବେ ସମସ୍ତ ହିତାଧିକାରୀ ପଦଯାତ୍ରାରେ ଚିଲିକାରେ ପଶି ସାତପଡ଼ା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସଂଗଠନର ମୁଖ୍ୟ ଜେନା କହିଛନ୍ତି। ଖବର ଲେଖାହେବା ଯାଏ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି।

## ସଂକ୍ଷେପରେ

### ନିମାପଡ଼ାରେ ପାନୀୟଜଳ ସଙ୍କଟ

ନିମାପଡ଼ା,୧୭।୩(ଡି.ଏନ୍.ଏ.)- ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତ ଓ ଏନ୍ଏସିର ୧୧ଟି ୱାର୍ଡରେ ଏବେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ପୋଖରୀ, ନଦୀ, ନାଳ, କେନାଲ ଶୁଖିଯାଇଥିବାରୁ ଲୋକେ ପାଣି ପାଇଁ ତହଳବିକଳ ହେଉଛନ୍ତି। ପାଇପ, ନଳକୂପରେ ପାଣି ବାହାରୁ ନାହିଁ। ଯେଉଁ କେତୋଟି ନଳକୂପରୁ ଅଳ୍ପ ପାଣି ବାହାରୁଛି ସେଠି ଲୋକଙ୍କ ଲମ୍ବା ଲାଇନ ଲାଗୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏପର୍ଯ୍ୟନ୍ତ ବଜାର ଛକ, ଜନଗହଳି ସ୍ଥାନରେ ଜଳଛତ୍ର ଖୋଲାଯାଇ ନାହିଁ। ଏ ସମ୍ପର୍କରେ ବିଡିଓ ମନୋଜ କୁମାର ବେହେରା କହିଛନ୍ତି, ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କୁ ଅବଗତ କରାଯାଇଛି। ଆସନ୍ତା ୨୦ତାରିଖ ସୁଦ୍ଧା ବିଭିନ୍ନ ଜାଗାରେ ଜଳଛତ୍ର ଖୋଲାଯାଇ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ । ସେହିଭଳି ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଶିବ ନନ୍ଦ କୁହନ୍ତି, ବିଭିନ୍ନ ଗାଁ କଲ୍ୟାଣ ସମିତି ପକ୍ଷରୁ ଖୁବ୍‌ଶୀଘ୍ର ଜଳଛତ୍ର ଖୋଲାଯିବା ନେଇ ଆଲୋଚନା ହୋଇଛି।

### ନିଖୋଜ ଦିବ୍ୟାଙ୍ଗ ଯୁବତୀ ଉଦ୍ଧାର

ଗୋପ,୧୭।୩ (ଡି.ଏନ୍.ଏ.)- କାକଟପୁର ବ୍ଲକ ଗମ୍ଭାରିପଦା ଗ୍ରାମରୁ ନିଖୋଜ ହୋଇଥିବା ଦିବ୍ୟାଙ୍ଗ ଯୁବତୀଙ୍କୁ ବୁଧବାର ଗୋପ ବ୍ଲକ ଅଞ୍ଚଳର ଶେଖ ଅସିମ ବକ୍ସ ଉଦ୍ଧାର କରି ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଗମ୍ଭାରିପଦା ଗ୍ରାମର ଦିବ୍ୟାଙ୍ଗ ଗୀତା ଗୋଚ୍ଛାୟତ ଗତ ୯ ତାରିଖରୁ ଘରୁ ନିଖୋଜ ହୋଇଯାଇଥିଲେ। ପରିବାର ସଦସ୍ୟ ବହୁ ଖୋଜାଖୋଜି କରି ନ ପାଇ ଥାନାକୁ ଜଣାଇଥିଲେ। ବୁଧବାର ସକାଳୁ ଯୁବତୀଙ୍କ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଫଟୋକୁ ଶେଖ ଅସିମ ଦେଖିଥିଲେ। ଶେଖ୍ କୁଶୁପୁରରୁ ଫେରୁଥିବା ବେଳେ ଗୋପ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରେ ଗୀତାଙ୍କୁ ଦେଖିବା ପରେ ତାଙ୍କ ପରିବାରକୁ ଯୋଗାଯୋଗ କରିଥିଲେ। ଯୁବତୀଙ୍କ ୨ ଦାଦା ପହଞ୍ଚି ଝିଆରିକୁ ନେବା ସହ ଅସିମଙ୍କୁ ଧନ୍ୟବାଦ ଦେଇଥିଲେ।

### ମଦ ଜବତ, ୩ ଗିରଫ

ନିମାପଡ଼ା,୧୭।୩(ଡି.ଏନ୍.ଏ.)- କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଓ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ବୁଧବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ୩ଶହ ବୋତଲ ଚୋରା ବିଦେଶୀ ମଦ, ୧୫୦ ଆସ୍କାଫର୍ଟି, ୫୦ ବୋତଲ ବିୟର ଜବତ କରାଯାଇଛି। ଗିରଫ ୩ଜଣ ହେଲେ କାକଟପୁର ଥାନା ଅନ୍ତର୍ଗତ ପାଟପୁର ସାଢ଼େଙ୍ଗା ଗ୍ରାମର କାର୍ତ୍ତିକ ସାହୁ, ଛୋଟରାୟପୁର ଗ୍ରାମର ଜ୍ୟୋତିରଞ୍ଜନ ସାହୁ, ନିମାପଡ଼ା ଥାନା ଅନ୍ତର୍ଗତ ଆମରଙ୍ଗ ଗ୍ରାମର ପବିତ୍ର ବେହେରା। ଏନେଇ ୩ଟି ମାମଲା(ନଂ.୨୨୩,୨୨୪/୨୧ ଓ ନଂ. ୬୬/୨୧) ରୁଜୁ କରାଯାଇଛି। ଚଢ଼ାଉରେ ନିମାପଡ଼ା ଅବକାରୀ ଏସ୍ଆଇ ଯୋଗମାୟା ମଲ୍ଲିକ, ଏଏସ୍ଆଇ ଏସ୍.କେ. ସାକରଉଲ୍ଲା, ନଟବର ମଲ୍ଲିକ, ପ୍ରଦୀପ ବେହେରାଙ୍କ ସମେତ କଟକ ଅବକାରୀ ବିଭାଗର ଅଧିକାରୀ ସାମିଲ ଥିଲେ।

### ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ବରିଷ୍ଠ ଅଧିକାରୀ

କୋଣାର୍କ, ୧୭।୩ (ଡି.ଏନ୍.ଏ.)- ଆସନ୍ତା ୨୨ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିବେ। ଏଥିପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍. ଯାଦବ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଏସ୍‌ପି କେ. ବିଶାଲ ସିଂ, ନିମାପଡ଼ା ଏସ୍‌ଡିପିଓ ପ୍ରଦୀପ କୁମାର ଦଳାଇଙ୍କ ପ୍ରମୁଖ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ସୂର୍ଯ୍ୟ ମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର, ହେଲିପ୍ୟାଡ୍‌ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ନିଷ୍ପତ୍ତି ହୋଇଛି। ହେଲିପ୍ୟାଡ୍, ସୂର୍ଯ୍ୟମନ୍ଦିର ନିକଟରେ ବ୍ୟାରିକେଡ୍ ନିର୍ମାଣ, ସଫେଇ ଆଦି କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ରାଷ୍ଟ୍ରପତି ଏଠାରେ ପହଞ୍ଚିବା ପରେ ସୂର୍ଯ୍ୟ ମନ୍ଦିର, ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ସମୟରେ କୋଣାର୍କ ତହସିଲଦାର ଶିବାଶିଷ ପାଲତା, କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଟିଏ ବୁଥ୍‌ରେ ସର୍ବାଧିକ ହଜାରେ ଭୋଟର

## କୋଭିଡ୍ କଟକଣାରେ ହେବ ପିପିଲି ଉପନିର୍ବାଚନ

ଭୁବନେଶ୍ୱର, ୧୭।୩ (ବ୍ୟୁରୋ)

ପିପିଲି ବିଧାନସଭା ଉପନିର୍ବାଚନ ଏପ୍ରିଲ ୧୭ରେ ହେବ। ମାର୍ଚ୍ଚ ୨୩ରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ତେବେ ଉପନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ବୁଧବାର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲୋହାନୀ କହିଛନ୍ତି, କୋଭିଡ୍ କଟକଣା ଭିତରେ ଭୋଟ ଗ୍ରହଣ କରାଯିବ। ଗୋଟିଏ ବୁଥ୍‌ରେ ସର୍ବାଧିକ ୧୦୦୦ ଲୋକ ଭୋଟ ଦେଇପାରିବେ। ଏଥିପାଇଁ ଅତିରିକ୍ତ ୭୫ ବୁଥ୍ କରିବାର ବ୍ୟବସ୍ଥା କରାଯିବ। ମାସ୍କ, ସାମାଜିକ ଦୂରତ୍ୱ ଓ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ ହେବ। ପ୍ରତ୍ୟେକ ବୁଥ୍‌ରେ ଜଣେ ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କୁ ନିୟୋଜିତ କରାଯିବ। ୩ ପ୍ରକାର ଭୋଟରଙ୍କୁ ପୋଷ୍ଟାଲ ବାଲାଟ ଜରିଆରେ ଭୋଟ ଲାଗି ଅନୁମତି ମିଳିବ। ୮୦ ବର୍ଷରୁ ଅଧିକ, ଦିବ୍ୟାଙ୍ଗ ଓ କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ପୋଷ୍ଟାଲ ବାଲାଟର ବ୍ୟବସ୍ଥା କରାଯିବ। ନିର୍ବାଚନରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ କରୋନା ଯୋଦ୍ଧା ଭାବେ ବିବେଚନା କରାଯାଇ ଅଗ୍ରାଧିକାର ଭିତ୍ତିରେ ଟିକାକରଣ କରାଯିବ ବୋଲି ଲୋହାନୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ନାମାଙ୍କନ ସମୟରେ ପ୍ରାର୍ଥୀଙ୍କ ସହ ମାତ୍ର ୨ଟି ଗାଡ଼ିକୁ ଅନୁମତି ମିଳିବ। ଡୋର୍ ଟୁ ଡୋର କ୍ୟାମ୍ପେନ ସମୟରେ ପ୍ରାର୍ଥୀଙ୍କ ସହିତ ମାତ୍ର ୫ଜଣ ରହିପାରିବେ। ନିର୍ବାଚନରେ ସଂଶ୍ଲିଷ୍ଟ ଥିବା ସମସ୍ତ କର୍ମଚାରୀଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ବିବେଚନା କରାଯିବ। ଏହାସହ ନୂଆ ଗାଇଡ୍‌ଲାଇନରେ ସମସ୍ତଙ୍କୁ ଠିକ୍ ସମୟରେ ଟିକାକରଣ ମଧ୍ୟ କରାଯିବ। ପ୍ରଚାର ସମୟରେ ଅଧିକ ସଂଖ୍ୟାରେ ଗାଡ଼ି ବ୍ୟବହାର କରୁଥିବା ପ୍ରାର୍ଥୀ ମାସ୍କ ଏବଂ ସାନିଟାଇଜର ବ୍ୟବହାରକୁ ବାଧ୍ୟତାମୂଳକ କରିବେ। ପୂର୍ବ ଉପନିର୍ବାଚନ ଭଳି ସାମାଜିକ ଦୂରତା, କରୋନା ନିୟମ ପାଳନ ହେବ ବୋଲି ସିଇଓ କହିଛନ୍ତି। ସେହିପରି ଏକ ସଭାରେ ସର୍ବାଧିକ ୫ ଶହ ଲୋକ ସାମିଲ ହୋଇପାରିବେ। ସମସ୍ତ ବୁଥ୍‌ରେ ଇଭିଏମ ଏବଂ ଭିଭିପାଟ୍ ବ୍ୟବହାର ହେବ। ପ୍ରଚଳିତ ବ୍ୟବସ୍ଥା ମୁତାବକ ଭୋଟ ଗ୍ରହଣ ସମୟରେ ଭୋଟରଙ୍କ ପରିଚୟ ପତ୍ର ଅତ୍ୟନ୍ତ ଜରୁରୀ ଅଟେ। ଏହା ବ୍ୟତୀତ ମତଦାନରୁ କୌଣସି ଭୋଟର ବଞ୍ଚିତ ନ ହେବା ପାଇଁ ୧୧ଟି ବିକଳ୍ପ ମତଦାନ ସମୟରେ ବ୍ୟବହାର କରିବାକୁ ଅନୁମତି ମିଳିଛି।

# ଟିକା ନେଲେ ଶ୍ରୀମନ୍ଦିର ସେବାୟତ

ପୁରୀ ଅଫିସ,୧୭।୩



ଜଣେ ସେବାୟତଙ୍କୁ କୋଭିଡ ଟିକା ଦିଆଯାଉଛି।

ଶ୍ରୀମନ୍ଦିର ସେବାୟତଙ୍କ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଲୋକନାଥ ରୋଡ୍‌ସ୍ଥିତ ପ୍ରତିହାରୀ ନିଯୋଗର ବୈଠକ ଗୃହରେ ଏହି କାର୍ଯ୍ୟକ୍ରମ ହେଉଛି। ପ୍ରତିଦିନ ପ୍ରାୟ ଦେଢ଼ ଶହରୁ ୨ଶହ ଜଣଙ୍କୁ ଟିକାକରଣ କରାଯିବାର ଯୋଜନା ରହିଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସେବାୟତ ଓ ୪୫ ବର୍ଷ ବୟସ୍କ ବ୍ୟକ୍ତି ଯେଉଁମାନେ କୌଣସି ସମ୍ବେଦନଶୀଳ ରୋଗରେ ପୀଡ଼ିତ ଥିବେ, ସେମାନେ କୋଭିଡ୍ ଟିକା ନେଇପାରିବେ। ପ୍ରତିଦିନ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଟିକାକରଣ ଚାଲିବ। କେବଳ ପୁରୁଷ ସେବାୟତଙ୍କୁ ଏହି ସୁବିଧା ଉପଲବ୍ଧ ହେବ। ସେବାୟତ ନାରାୟଣ ମହାପାତ୍ରଙ୍କ କହିବା ଅନୁଯାୟୀ, ଟିକା ନେବା ପାଇଁ ସେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ସେ ମଧୁମେହ ରୋଗରେ ପୀଡ଼ିତ ଥିବାରୁ ୬୦ବର୍ଷ ବୟସ ନ ହୋଇଥିଲେ ମଧ୍ୟ ଟିକା ନେଇଛନ୍ତି। ଏଯାବତ୍ ତାଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା କିମ୍ବା ସମସ୍ୟା ଦେଖାଯାଇନାହିଁ। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ସ୍ୱତନ୍ତ୍ର କ୍ୟାମ୍ପ କରାଯାଇଛି। ଟିକାକରଣ ଚାଲୁ ରହିଛି। ୧୦ରୁ ୧୫ ଦିନ ମଧ୍ୟରେ ସେବାୟତମାନଙ୍କ ଟିକାକରଣ ସାରିବାକୁ ଯୋଜନା ରଖିଛୁ। ସେହିପରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର କହିଛନ୍ତି, ସେବାୟତମାନେ ପ୍ରତିଦିନ ପାଖାପାଖି ୮ରୁ ୧୦ ହଜାର ଲୋକଙ୍କ ସହ ମିଶିଥାନ୍ତି। ଏଭଳି କ୍ଷେତ୍ରରେ କରୋନା ସଂକ୍ରମଣର ଆଶଙ୍କା ରହିବା ସ୍ୱାଭାବିକ କଥା। ତେଣୁ ଏହି ସ୍ପେଶାଲ ଡ୍ରାଇଭ୍‌ରେ ଆମେ ସେବାୟତମାନଙ୍କ ଟିକାକରଣ ପ୍ରକ୍ରିୟା ଶେଷ କରିବାକୁ ଚାହୁଁଛୁ। ଆସନ୍ତା ୨ ସପ୍ତାହ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଟିକାକରଣ ସାରି ଏହାର ୨୮ ଦିନ ପରେ ୨ୟ ପର୍ଯ୍ୟାୟ ଟିକାକରଣ କରିବାକୁ ଲକ୍ଷ୍ୟ ରଖିଛୁ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଭାଜପା କୃଷକ ମୋର୍ଚ୍ଚା ସଭାପତି

ପୁରୀ ଅଫିସ/ସାକ୍ଷୀଗୋପାଳ, ୧୭।୩ (ସ୍ୱ.ପ୍ର.)

ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ଭାବେ ପ୍ରଦୀପ ପୁରୋହିତ ଦାୟିତ୍ୱ ନେବା ପରେ ବୁଧବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଏହାପରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପ୍ରତି ଭାଜପାର ପୂର୍ଣ୍ଣ ସମର୍ଥନ ରହିଛି। ଅନ୍ୟପକ୍ଷରେ ମଣ୍ଡିରୁ ଧାନ ଉଠୁ ନ ଥିବା ପ୍ରସଙ୍ଗରେ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟ ସରକାର ଟୋକନ୍ ବ୍ୟବସ୍ଥା କରି ଧାନ କିଣିବା କଥା କହିଥିଲେ। ମାତ୍ର ଏଯାବତ୍ ଚାଷୀମାନେ ନିଜ ଧାନ ଧରି ମଣ୍ଡିରେ ବସି ରହିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପୁରୋହିତ ପ୍ରକାଶ କରିଛନ୍ତି। ଏହି ଅବସରରେ ତାଙ୍କ ସହ ଭାଜପା ନେତା ମହେଶ୍ୱର ସାହୁ, ରଞ୍ଜନ ପଟେଲ୍, କାମାକ୍ଷା ପ୍ରସାଦ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରୋହିତ ଓ ତାଙ୍କ ଟିମ୍ ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ କରିଛନ୍ତି। ଏହାପରେ ସେମାନେ ପଞ୍ଚସଖାଙ୍କ ସ୍ମୃତିପୀଠ ଦର୍ଶନ କରିଥିଲେ। ପଟ୍ଟନାୟିକିଆ ଛକରେ ଦଳୀୟ କର୍ମୀ ସେମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ସମସ୍ତେ ପୁରୀ ଅଭିମୁଖେ ବାହାରିଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୭.୦୩.୨୦୨୧

୨,୮୨,୫୦୪ ଟଙ୍କା
(ଅଳଙ୍କାର ମିଳି ନାହିଁ)

# ଫନୀ ସହାୟତା ଦାବିରେ ଧାରଣା




ହିତାଧିକାରୀଙ୍କ ମିଳିତ ମଞ୍ଚ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଡେଲାଙ୍ଗ,୧୭।୩ (ଡି.ଏନ୍.ଏ.)

ଫନୀ କ୍ଷୟକ୍ଷତି ସହାୟତାରୁ ବଞ୍ଚିତ ହିତାଧିକାରୀଙ୍କ ମିଳିତ ମଞ୍ଚ ପକ୍ଷରୁ ଅର୍ଥ ପ୍ରଦାନ ଦାବିରେ ବୁଧବାର ଡେଲାଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ୨୦୧୯ ମେ ୩ ରେ ହୋଇଥିବା ବାତ୍ୟାକୁ ୨ ବର୍ଷ ପୂରିବାକୁ ଯିବାବେଳେ ଡେଲାଙ୍ଗ ବ୍ଲକ ଅଞ୍ଚଳର ଅନେକେ ହିତାଧିକାରୀ ଏଯାବତ ସହାୟତା ପାଇପାରି ନାହାନ୍ତି। ଏହାସହ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଅଚଳ କରି ବିଭିନ୍ନ ଭଉାର ଅର୍ଥରାଶି ଉଠାଯାଇଥିବା ଅଭିଯୋଗ ହୋଇଛି। ଏହି ସବୁ ସମସ୍ୟାକୁ ନେଇ ବୁଧବାର ମିଳିତ ମଞ୍ଚ ପକ୍ଷରୁ ଆବାହକ ଦୁର୍ଗାଚରଣ ରାଉତରାୟଙ୍କ ନେତୃତ୍ୱରେ ୧ ହଜାରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ତହସିଲ ଅଫିସ ଆଗରେ ଧାରଣାରେ ବସିଥିଲେ। ଏଥିରେ ଅଜୟ ରାଉତରାୟ, ସରପଞ୍ଚ ପ୍ରିୟମ୍ବଦା ରାଉତରାୟ, ସରପଞ୍ଚ ରମାଦେବୀ ରାଉତରାୟ, ସରପଞ୍ଚ ଲକ୍ଷ୍ମୀଧର ବେହେରା, ସମିତିସଭ୍ୟା କାଞ୍ଚନବାଳା ବେହେରା, ହରପ୍ରିୟା ପାତ୍ର, ସଞ୍ଜୁଲତା ବରାଳ, ସମାଜବାଦୀ ପାର୍ଟିର ରାଜ୍ୟ ସମ୍ପାଦକ ସୁଦର୍ଶନ ପ୍ରଧାନ, ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଏକ ଦାବିପତ୍ର ତହସିଲଦାରଙ୍କୁ ଦିଆଯାଇଥିଲା। ତହସିଲଦାର ମହେନ୍ଦ୍ର ବରେହି ଦାବିପତ୍ର ଗ୍ରହଣ କରିବା ସହିତ ଅଚଳ ଆକାଉଣ୍ଟକୁ ୭ ଦିନ ମଧ୍ୟରେ ସଚଳ କରାଇବାକୁ ପ୍ରତିଶ୍ରୁତି ଦେବା ସହ ଖୁବଶୀଘ୍ର ହିତାଧିକାରୀଙ୍କୁ ସହାୟତା ଦିଆଯିବ ବୋଲି କହିଥିଲେ ।

# ସୁବ୍ୟବସ୍ଥିତ ଦର୍ଶନ ଉପରେ ଗୁରୁତ୍ୱ



ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ।

ପୁରୀ ଅଫିସ,୧୭।୩

## ■ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଛତିଶା ନିଯୋଗ ବୈଠକ ■ସାଥିରେ କୌଳିକ ପଣ୍ଡା ଯିବା ନେଇ ସ୍ପଷ୍ଟ ହୋଇନି

ଆସନ୍ତା ୨୨ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଗସ୍ତରେ ଆସିବେ। ଏ ନେଇ ବୁଧବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ନେତୃତ୍ୱରେ ଛତିଶା ନିଯୋଗର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ଦର୍ଶନକୁ ସୁବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସୂଚନା ଅନୁଯାୟୀ, ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ରାଷ୍ଟ୍ରପତି ଶ୍ରୀଜୀଉଙ୍କ ଦର୍ଶନ କରିବେ। ଏହି ସମୟରେ ସକାଳ ଧୂପ ଓ ମଇଲମ ଭଳି ନୀତିକାନ୍ତି ଶେଷ ହୋଇସାରିଥିବ। ରାଷ୍ଟ୍ରପତିଙ୍କ ସମେତ ତାଙ୍କ ସହଧର୍ମିଣୀ ଏବଂ ଅଧିକାରୀମାନଙ୍କୁ ମଧ୍ୟ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ମିଳିବ। ତେବେ କୋଭଡ୍ ନେଗେଟିଭ୍ ଥିବା ବ୍ୟକ୍ତି ହିଁ ରାଷ୍ଟ୍ରପତିଙ୍କ ସହ ଶ୍ରୀମନ୍ଦିର ଭିତରକୁ ଯାଇପାରିବେ। ରାଷ୍ଟ୍ରପତି କାହାରି ହାତରୁ କୌଣସି ସମ୍ବର୍ଦ୍ଧନା ଗ୍ରହଣ କରିବେ ନାହିଁ। ଗର୍ଭଗୃହ ଭିତରକୁ ଯିବା ପାଇଁ ରାଷ୍ଟ୍ରପତିଙ୍କ ସମେତ କେବଳ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଅନୁମତି ମିଳିବ। ରାଷ୍ଟ୍ରପତିଙ୍କ ସହ ତାଙ୍କ କୌଳିକ ସେବାୟତ ନାରାୟଣ ଗୋଚ୍ଛିକାର ଯିବେ କି ନାହିଁ ସେନେଇ ସ୍ପଷ୍ଟ ହୋଇପାରିନାହିଁ। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏ ସଂକ୍ରାନ୍ତରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଅବଗତ କରାଯିବ। ସେଠାରୁ ଅନୁମତି ମିଳିବା ପରେ କୌଳିକ ସେବାୟତ ଏକା ଯିବେ କି ତାଙ୍କ ସହ ଆଉ କେତେଜଣ ଯିବେ ସେନେଇ ସ୍ଥିର ହେବ। ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ସମ୍ଭାବ୍ୟ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ ଜଗନ୍ନାଥ ଦର୍ଶନକୁ ସଫଳ କରିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଅନ୍ୟପକ୍ଷରେ କୌଳିକ ସେବାୟତ ନାରାୟଣ ଗୋଚ୍ଛିକାର କହିଛନ୍ତି, କୌଳିକ ସେବା କରିବା ଆମ କର୍ତ୍ତବ୍ୟ। ରାଷ୍ଟ୍ରପତି ଶ୍ରୀମନ୍ଦିର ଆସିଲେ ତାଙ୍କ ସହ ଯିବା ଆମ କର୍ତ୍ତବ୍ୟ। ମାତ୍ର ଏପର୍ଯ୍ୟନ୍ତ ଯିବା ନେଇ ସ୍ପଷ୍ଟ ହୋଇନାହିଁ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଏ ସଂକ୍ରାନ୍ତ ସୂଚନା ମିଳିବା ପରେ । ପ୍ରଶାସନର ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ କରିବି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରଶ୍ମିତା



@ ଦେବୁ



@ ସାଗରକାନ୍ତ



@ ସୁଦର୍ଶନ



@ ସୁଶାନ୍ତ



@ ସମର



@ ସୁସ୍ମିତା

# ପିପିଲି ଉପନିର୍ବାଚନ ପାଇଁ ହେବ ୩୪୮ ବୁଥ୍

ପୁରୀ ଅଫିସ,୧୭।୩

ପିପିଲି ଉପନିର୍ବାଚନ ବିଗୁଲ ବାଜିବା ପରେ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ବୁଧବାର ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସରେ ଜିଲାପାଳ ସମର୍ଥ ବର୍ମା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ପିପିଲି ନିର୍ବାଚନ ମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୨୯ ହଜାର ୫୮୩। ତନ୍ମଧ୍ୟରେ ପୁରୁଷଙ୍କ ସଂଖ୍ୟା ୧ ଲକ୍ଷ ୧୯ ହଜାର ୨୦ ଓ ମହିଳାଙ୍କ ସଂଖ୍ୟା ୧ଲକ୍ଷ ୧୦ ହଜାର ୫୬୨। ଇଭିଏମର ପ୍ରଥମ ପର୍ଯ୍ୟାୟ ଯାଞ୍ଚ ଶେଷ ହୋଇଛି। ବିଭିନ୍ନ ରାଜନୈତିକ ଦଳଙ୍କ ସହ ଆଦର୍ଶ ଆଚରଣ ବିଧି ସମ୍ପର୍କିତ ଆଲୋଚନା ମଧ୍ୟ ସରିଛି। ଚଳିତ ବର୍ଷ ଉପନିର୍ବାଚନ ପାଇଁ ୩୪୮ଟି ବୁଥ୍ କରାଯିବ। ଡେଲାଙ୍ଗ ବ୍ଲକ୍‌ରେ ୧୩୯ ଓ ପିପିଲି ବ୍ଲକ୍‌ରେ ୧୯୯ଟି ବୁଥ୍ ହେବ। ସମ୍ବେଦନଶୀଳ ବୁଥ୍ ପାଇଁ ନୋଡାଲ୍ ଅଫିସର, ୩ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ୍, ୩ଟି ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ଓ ଗୋଟିଏ ଭିଡିଓ ସର୍ଭେଲାନ୍ସ ଟିମ୍ ମୁତୟନ କରାଯିବ। ପୋଲିଂ ଅଧିକାରୀଙ୍କ ଡାଟାବେସ୍ ପ୍ରସ୍ତୁତ ସରିଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ଭାବେ ଦାୟିତ୍ୱ ନେଇଛନ୍ତି। କଣ୍ଟ୍ରୋଲ ରୁମ୍ ନମ୍ବର ୦୬୭୫୨-୨୨୩୨୩୭ ଜାରି କରାଯାଇଛି। ୮୦ ବର୍ଷରୁ ଅଧିକ, କରୋନା ଆକ୍ରାନ୍ତ ଓ ପ୍ରଭାବିତଙ୍କ ପାଇଁ ୧୨ଡି-ଫର୍ମରେ ପୋଷ୍ଟାଲ ବାଲେଟ୍ ସୁବିଧା ରହିଛି। ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ବୁଥ୍ ଖୁବଶୀଘ୍ର ଚିହ୍ନଟ କରାଯାଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ବର୍ମା କହିଛନ୍ତି। ସେହିପରି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ନିର୍ବାଚନ ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ନୋଡାଲ ଅଧିକାରୀଙ୍କ ନମ୍ବର-୯୪୩୭୨୬୯୫୫୯ ଜାରି କରାଯାଇଛି। ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲଂଘନ ଅଭିଯୋଗ ଏହି ନମ୍ବରରେ ଦିଆଯାଇପାରିବ।

## ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଡ୍ରାଇଭ୍ ଆରମ୍ଭ

ପିପିଲି, ଡେଲାଙ୍ଗ ଅଞ୍ଚଳରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଡ୍ରାଇଭ୍ ବୁଧବାରଠାରୁ ଆରମ୍ଭ କରାଯାଇଛି। ସେହିପରି ୱାରେଣ୍ଟ ଡ୍ରାଇଭ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ୩ଶହ ଜଣଙ୍କୁ ଗିରଫ କରାଯାଇଛି। ବିଭିନ୍ନ ପ୍ରମୁଖ ସ୍ଥାନରେ ନାକାବନ୍ଦୀ, ଚେକିଂ, ପାଟ୍ରୋଲିଂକୁ କଡ଼ାକଡି କରାଯାଉଛି।